# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧୩ ଫେବୃଆରୀ ୨୦୨୬ ଶୁକ୍ରବାର ପୃଷ୍ଠା ୫






# ବିଶ୍ୱ ରେଡ଼ିଓ ଦିବସ

୧୩ ଫେବୃଆରୀକୁ ବିଶ୍ୱ ରେଡ଼ିଓ ଦିବସ ଭାବେ ପାଳନ କରାଯାଏ । ଆଜି ବି ରେଡ଼ିଓ ସମାଚାର, ସଙ୍ଗୀତ ଏବଂ ମନୋରଞ୍ଜନର ସାଧନ ହୋଇଛି । ଟେଲିଭିଜନ ପୂର୍ବରୁ ରେଡ଼ିଓ ହିଁ ମଣିଷ ପାଇଁ ସୂଚନା ଏବଂ ମନୋରଞ୍ଜନର ସାଧନ ଥିଲା । ଆଜିର ସ୍ମାର୍ଟଫୋନ୍ ଯୁଗରେ ମଧ୍ୟ ରେଡ଼ିଓର ପ୍ରଚଳନ କମିନାହିଁ । ଏଫ୍‌ଏମ୍ ରେଡ଼ିଓ ସହିତ ଏବେ ସାମୁଦାୟିକ ରେଡ଼ିଓର ଯୁଗ ଆସିଛି । ସରକାର ମଧ୍ୟ ଏହାର ପ୍ରଚାର ପ୍ରସାର ପାଇଁ ପ୍ରତ୍ୟେକ ସ୍ତରରେ ସହଯୋଗ କରୁଛନ୍ତି । ଡିସେମ୍ବର ୩, ୨୦୧୧ ମସିହାରେ ସ୍ପେନ୍‌ର ପ୍ରସ୍ତାବ କ୍ରମେ ୟୁନେସ୍କୋ ୧୩ ଫେବୃଆରୀକୁ ବିଶ୍ୱ ରେଡ଼ିଓ ଦିବସ ଘୋଷିତ କଲା । ୟୁନେସ୍କୋର ୱେବ୍‌ସାଇଟ୍ ଅନୁସାରେ ବିଶ୍ୱ ରେଡ଼ିଓ ଦିବସ ଏଭଳି ଏକ ଦିନ, ଯେଉଁଦିନ ରେଡ଼ିଓକୁ ଆମେ ଏକ ମାଧ୍ୟମ ଭାବେ ମନେପକାଉ । ଏହି ଦିନ ଅନ୍ତର୍ଜାତୀୟ ପ୍ରସାରକ ଓ ମୁଖ୍ୟ ନେଟ୍‌ୱାର୍କ ଏବଂ କମ୍ୟୁନିଟି ରେଡ଼ିଓ ମଧ୍ୟରେ ସହଯୋଗ ବୃଦ୍ଧି କରିବାକୁ ପ୍ରୟାସ କରାଯାଏ । ଫଳରେ ଏୟାରୱେଭ୍ ମାଧ୍ୟମରେ ସମଗ୍ର ବିଶ୍ୱରେ ସାଧାରଣ ଜନତା ଅଧିକରୁ ଅଧିକ ସୂଚନା ପାଇପାରିବେ । ଲାଟିନ୍ ଶବ୍ଦ ରେଡ଼ିୟସ୍‌ରୁ ରେଡ଼ିଓର ଉତ୍ପତ୍ତି, ଯାହାର ଅର୍ଥ 'ରେ' । ବିଂଶ ଶତାବ୍ଦୀରେ ଅନ୍ୟ ୱେୟାରଲେସ୍ କୌଶଳରୁ ରେଡ଼ିଓକୁ ଅଲଗା କରିବା ପାଇଁ ଏହି ଶବ୍ଦ ବ୍ୟବହାର କରାଗଲା । ଆଜି ଆମ ପ୍ରିୟ ପ୍ରଧାନମନ୍ତ୍ରୀଙ୍କ ଡିଜିଟାଲ ଇଣ୍ଡିଆ ଯୁଗରେ ବର୍ଷ ବର୍ଷର ସ୍ମୃତି ବିଜଡ଼ିତ ରେଡ଼ିଓର ଚାହିଦା କିନ୍ତୁ କମି ନାହିଁ । ଏହା ନିଶ୍ଚିତ ବର୍ତ୍ତମାନ ଘରେ ଘରେ ବୁଢ଼ା ହୁଅନ୍ତୁ ବା ପିଲା ସମସ୍ତଙ୍କ ହାତରେ ଅତ୍ୟାଧୁନିକ ସୂଚନାପ୍ରଯୁକ୍ତିର ତଥାକଥିତ ହାଇସ୍ପିଡ୍ ଓ ଶକ୍ତିଶାଳୀ ମୋବାଇଲରେ ସବୁକିଛି ଉପଲବ୍ଧ ହେଉଥିଲେ ବି ରେଡ଼ିଓ କିନ୍ତୁ ତା'ର ସ୍ୱତନ୍ତ୍ରତା ବଜାୟ ରଖି ପାରିଛି । କେବଳ ସେତିକି ନୁହେଁ ଆଜିକାଲି ବିଭିନ୍ନ ଚ୍ୟାନେଲ ଏପରିକି ସମ୍ବାଦ ସରବରାହ ସଂସ୍ଥାମାନେ ରେଡ଼ିଓ ଚ୍ୟାନେଲ ଦ୍ୱାରା ବିଭିନ୍ନ ମନୋରଞ୍ଜନ, ସମ୍ବାଦଭିତ୍ତିକ, ସଚେତନଧର୍ମୀ କାର୍ଯ୍ୟକ୍ରମ ପ୍ରସାରଣ ସହ ଅପ୍‌ଟୁଡେଟ୍ ତଥ୍ୟଭିତ୍ତିକ ସମ୍ବାଦ ସଟ୍ ବ୍ରେକ୍‌ରେ ଦେଉଛନ୍ତି ଯାହାକି ରେଡ଼ିଓ ଏଫଏମ୍ ଚ୍ୟାନେଲର ଅତ୍ୟାଧୁନିକ କଳାକୌଶଳ କହିଲେ ଅତ୍ୟୁକ୍ତି ହେବନାହିଁ । ସେହିପରି ଅନ୍ୟଏକ କଥା ହେଉଛି କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ସରକାର ଶାସନ ଡୋରି ଧରିବା ପରେ ପ୍ରଧାନମନ୍ତ୍ରୀ ନିୟମିତ ଭାରତର ସାମ୍ପ୍ରତିକ ବିଭିନ୍ନ ପ୍ରସଙ୍ଗ ସାମାଜିକ ହେଉ ବା ଜନଜୀବନ, ଅର୍ଥନୀତି ହେଉ ବା ସ୍ୱାସ୍ଥ୍ୟସେବା, ଜଣେ ସାଧାରଣ ଲୋକର ଅସାଧାରଣ ସେବା ହେଉ ବା କ୍ରୀଡ଼ା, ବିଜ୍ଞାନ, ମହିଳାଙ୍କ ଠାରୁ କୃଷି, ସଡ଼କ, ଯୋଗାଯୋଗ, ପ୍ରଯୁକ୍ତି ବିଜ୍ଞାନ ସବୁକ୍ଷେତ୍ରକୁ ସଚେତନତାର ବାର୍ତ୍ତା ଦେବା ପାଇଁ ଯେଉଁ ମନ କୀ ବାତ୍ କାର୍ଯ୍ୟକ୍ରମରେ ନିଜ ମନ ଭିତରର ଭାବାବେଗକୁ ପ୍ରଚାର କରୁଛନ୍ତି ତାହା ରେଡ଼ିଓର ଗାରିମା ବଢ଼ାଇବାରେ ବେଶ୍ ସହାୟକ ହୋଇଛି । ପ୍ରଧାନମନ୍ତ୍ରୀଙ୍କ ଅଲଇଣ୍ଡିଆ ରେଡ଼ିଓରେ ପ୍ରସାରିତ ମନ୍ କୀ ବାତ କାର୍ଯ୍ୟକ୍ରମ ରେଡ଼ିଓ ବ୍ୟତୀତ ବିଭିନ୍ନ ଜାତୀୟ ଚ୍ୟାନେଲ ଓ ଏଫ୍‌ଏମ୍‌ରେ ପ୍ରସାରିତ ହେବାପରେ ରେଡ଼ିଓ ତା'ର ପୂର୍ବ ମର୍ଯ୍ୟାଦା ଫେରି ପାଇଛି କହିଲେ ଅତ୍ୟୁକ୍ତି ହେବନାହିଁ । ଆଜିକାଲି ମୋବାଇଲ ଫୋନ ଠାରୁ ଆହୁରି ଛୋଟ ସେଟ୍‌ରେ ଅତ୍ୟାଧୁନିକ ରେଡ଼ିଓ ଖୁବ କମ୍ ମୂଲ୍ୟରେ ମିଳିପାରୁଛି ଯାହାକି ଶ୍ରୋତାଙ୍କ ମନକୁ ଜିଣିବାରେ ବି ସକ୍ଷମ ହୋଇଛି । ବିଭିନ୍ନ ଟିଭି ଚ୍ୟାନେଲ ସହିତ ତାଳ ଦେଇ ଆଜିକାଲି ରେଡ଼ିଓ କାର୍ଯ୍ୟକ୍ରମ ମଧ୍ୟ ଅତ୍ୟାଧୁନିକ ଶୈଳୀରେ ପରିବେଷଣ ହେଲାଣି ଯାହାକି ଶ୍ରୋତାମାନଙ୍କ ପାଇଁ ଅତ୍ୟନ୍ତ ଶ୍ରୁତିମଧୁର ହୋଇ ରେଡ଼ିଓର ଆଦୃତି ବଢ଼ାଇଛି । ରେଡ଼ିଓର ଏକ ଉଲ୍ଲେଖନୀୟ ଅବଦାନ ହେଉଛି ଭାରତୀୟ ଭାବନା ହେଉ ବା ଆଞ୍ଚଳିକ କ୍ଷେତ୍ର ଲୁପ୍ତପ୍ରାୟ କଳା, ସଂସ୍କୃତି, ଆଧ୍ୟାତ୍ମିକ ବିଚିତ୍ରା, ବିଭିନ୍ନ ହଜିବାକୁ ବସିଥିବା ଲୋକକଳାର ପୁନରୁଦ୍ଧାର ସହ ଏହାକୁ ତଥ୍ୟଭିତ୍ତିକ ଭାବେ ଲୋକମାନଙ୍କ ପାଖରେ ପହଞ୍ଚାଇବାରେ ସକ୍ଷମ ହେବା । ଆମ ଓଡ଼ିଆ ସଂସ୍କୃତିର ସତ୍ୟନାରାୟଣ ପାଲା ହେଉ ବା ଦାସକାଠିଆ, ଖୁଦୁରୁକୁଣୀ ଓଷାରେ ସାଧବ ପୁଅ ଓ ଭଉଣୀର କାହାଣୀ ଗାଥା ହେଉ ବା ପୁଚିଖେଳ, ରଜଦୋଳି ଠାରୁ କବାଡ଼ି ଏପରିକି ଅନେକ ହଜିବାକୁ ବସିଥିବା ସଂସ୍କୃତିର ପୁନରୁଦ୍ଧାର ଏହି ରେଡ଼ିଓ ଦ୍ୱାରା ସମ୍ଭବ ହେଉଛି । ବିଭିନ୍ନ ସାକ୍ଷାତକାର ଓ କିମ୍ବଦନ୍ତୀ ବ୍ୟକ୍ତିତ୍ୱ ପ୍ରତିଭାବାନମାନଙ୍କର ଜୀବନଚିତ୍ରକୁ ଶ୍ରୋତାମାନେ ରେଡ଼ିଓ ମାଧ୍ୟମରେ ପାଇଥିଲେ । ରେଡ଼ିଓ ଆଜି ବି ସମସ୍ତଙ୍କର ପ୍ରିୟ ତଥା ବିଶ୍ୱସନୀୟ ମାଧ୍ୟମ ହୋଇ ରହିଛି । ବିଶ୍ୱ ରେଡ଼ିଓ ଦିବସ ଅବସରରେ ଆକାଶବାଣୀ ପ୍ରତି ଆମ ସମସ୍ତଙ୍କ ଭଲପାଇବା ଆହୁରି ବୃଦ୍ଧି ପାଉ ଏହା ହିଁ କାମନା ।

**ନାରାୟଣ ଚନ୍ଦ୍ର ବିଶ୍ୱାଳ**
**ମୋ. ୯୪୩୮୨୭୬୭୭୦**








# ମନୋରଞ୍ଜନ ଓ ରେଡ଼ିଓ

ଏକଦା ମନୋରଞ୍ଜନର ମୁଖ୍ୟ ମାଧ୍ୟମ ଥିବା ରେଡ଼ିଓ ଏବେ ବି ନୂଆ ରୂପ ରଙ୍ଗରେ ବଞ୍ଚିରହିଛି ଏବଂ ଶ୍ରୋତାଙ୍କୁ ମୁଗ୍ଧ କରିଚାଲିଛି । ସାମାଜିକ ଗଣ-ଯୋଗାଯୋଗ ବ୍ୟବସ୍ଥାର ଏହା ଏକ ବଳିଷ୍ଠ ଅଙ୍ଗ ହୋଇ ରହିଛି । ଅନ୍ୟ ଗଣମାଧ୍ୟମ ତୁଳନାରେ ରେଡ଼ିଓର ଗ୍ରହଣ କ୍ଷମତା ଅଧିକ। ଏହା ମୁକ୍ତ ଭାବେ ସୀମାସରହଦ ପାର ହୋଇପାରେ । ବିନା ବିଜୁଳିରେ ଚାଲୁଥିବାରୁ ଏହା ବିପର୍ଯ୍ୟୟ କେବଳ ସାଥୀ। ମୋବାଇଲ, ଟେଲିଭିଜନ, ଇଣ୍ଟରନେଟ୍ ଯେଉଁଠି କାମ କରିନପାରିବ, ସେଠାରେ ରେଡ଼ିଓ ମାଧ୍ୟମରେ ଯୋଗାଯୋଗ ସମ୍ଭବ। ତେଣୁ ଆଜିକାଲି ଅଗମ୍ୟ ଅଞ୍ଚଳରେ କମ୍ୟୁନିଟି ରେଡ଼ିଓ ସ୍ଥାପନକୁ ଗୁରୁତ୍ୱ ଦିଆଯାଉଛି । ରେଡ଼ିଓ ଏକ ଅପରିହାର୍ଯ୍ୟ ଆବଶ୍ୟକତା। ଟେଲିଭିଜନ, ମୋବାଇଲ, ଇଣ୍ଟରନେଟ, ଟ୍ୟାବଲେଟ ଆଦି ଅତ୍ୟାଧୁନିକ ଉପକରଣଗୁଡ଼ିକର ଲୋକପ୍ରିୟତା ଯେତେ ବୃଦ୍ଧି ପାଇଲେ ବି ନିଜ ଚାହିଦା ବଜାୟ ରଖିଛି ରେଡ଼ିଓ। ଆଜି ବି ଲୋକେ ଏହାର ବ୍ୟବହାର ଜାରି ରଖିଛନ୍ତି। ଏକଦା ମନୋରଞ୍ଜନର ମୁଖ୍ୟ ମାଧ୍ୟମ ବୋଲଉଥିବା ରେଡ଼ିଓ ଏବେ ନୂଆ ରୂପ ଓ ନୂଆ ରଙ୍ଗରେ ଶ୍ରୋତାଙ୍କ ମନ କିଣିବାରେ ସଫଳ ହୋଇଛି । ଖବର ପ୍ରସାରଣର ଅନ୍ୟତମ ପ୍ରମୁଖ ମାଧ୍ୟମ ଭାବେ ନିଜର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି । ଅନ୍ୟ ବୈଦ୍ୟୁତିକ ଗଣମାଧ୍ୟମ ତୁଳନାରେ ସବୁ ପରିସ୍ଥିତିରେ ଓ ସବୁ ସ୍ଥାନରେ ପହଞ୍ଚି ଅଗଣିତ ଶ୍ରୋତାଙ୍କ ବିଶ୍ୱାସଭାଜନ ହୋଇପାରିଛି। ଚାଷୀ, ମୂଲିଆ, ମଜୁରିଆ ଶ୍ରେଣୀର ଲୋକଙ୍କ ପାଇଁ ରେଡ଼ିଓ ମନୋରଞ୍ଜନର ଏକ ମୁଖ୍ୟ ମାଧ୍ୟମ । ସେତିକି ନୁହେଁ, ଅଧିକାଂଶ ସମ୍ଭ୍ରାନ୍ତଙ୍କ ପାଇଁ ମଧ୍ୟ ଏହା ଖବର ପ୍ରେରଣର ଏକ ମାଧ୍ୟମ । ରେଡ଼ିଓ ଯେମିତି ସେମାନଙ୍କ ପରମ୍ପରା ସହିତ ଯୋଡ଼ି ହୋଇ ରହିଛି । ବିନା ବିଜୁଳିରେ ଚାଲୁଥିବାରୁ ବିପର୍ଯ୍ୟୟ ସମୟରେ ଏହାର ଆବଶ୍ୟକତା ବଢ଼ିଯାଏ। ଏବେ ଦୁର୍ଗମ ଅଞ୍ଚଳରେ କମ୍ୟୁନିଟି ରେଡ଼ିଓର ଆଦର ବଢୁଛି । ଇଣ୍ଟରନେଟ, ଟିଭି, ମୋବାଇଲ ଅଚଳ ହୋଇପଡ଼ିଥିବାବେଳେ ରେଡ଼ିଓ ଯୋଗଯୋଗ ବଜାୟ ରଖିଥାଏ। ସ୍ପାନିଶ ରେଡ଼ିଓ ଏକାଡ଼େମୀର ପ୍ରସ୍ତାବ ଏବଂ ଜାତିସଂଘର ଅନୁମୋଦନ କ୍ରମେ ୨୦୧୨ରୁ ପ୍ରତିବର୍ଷ ଫେବୃଆରୀ ୧୩ ତାରିଖ ବିଶ୍ୱ ରେଡ଼ିଓ ଦିବସ ପାଳନ କରାଯାଉଛି । ଏହାର ପ୍ରଚାର ପ୍ରସାର ପାଇଁ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ଜର୍ମାନୀର ହେନରିଚ୍ ହର୍ଜ, ଋଷିଆର ଆଲେକ୍‌ଜାଣ୍ଡର ପୋପୋଭ, ଫ୍ରାନ୍ସର ଏଡ୍‌ୱାର୍ଡ଼, ଆମେରିକାର ନିକୋଲା ଡିସ୍‌ଲା, ଇଟାଲିର ଗୁ୍ୟଗ୍ଲି ଏଲମୋ ମାର୍କୋନି, ବ୍ରିଟେନର ଅଲିଭର୍ ଲଜ, ଭାରତର ଚନ୍ଦ୍ର ବସୁ । ରେଡ଼ିଓର ପ୍ରଚାର ପ୍ରସାରରେ ଏମାନେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ । ଏମାନଙ୍କ ଅବଦାନକୁ ମନେ ପକାଇବା ପାଇଁ ଏହି ଦିବସର ଅନ୍ୟତମ ମୁଖ୍ୟ ଉଦ୍ଦେଶ୍ୟ।

**ବାଦଲ ଭୂୟାଁ**
**ପୁରୁଣା ସୋନାରୀ, ଜାମସେଦପୁର**
**ମୋ. ୭୪୮୮୯୯୮୫୩୨**









# ଯେଉଁଠି ସୂର୍ଯ୍ୟ ଅସ୍ତ ହୁଏନି

ଦିନର ୨୪ଘଣ୍ଟାରୁ ୨୦ ଘଣ୍ଟା ସୂର୍ଯ୍ୟାଲୋକ ଏଠି ସାଧାରଣ କଥା । ବର୍ଷରେ କେଇଦିନ ତ ଏଠାରେ ସୂର୍ଯ୍ୟ ଅସ୍ତ ହୁଏ ନାହିଁ । ଭଲ ଭାବରେ ଲକ୍ଷ୍ୟ କଲେ ଜାଣିପାରିବେ ଏସବୁ ସ୍ଥାନର ଅନନ୍ୟ ଭୌଗୋଳିକ ସ୍ଥିତି ରହିଛି । ଏସବୁ ଦେଶ ପୃଥିବୀର ମେରୁଗୁଡ଼ିକର ଖୁବ୍ ନିକଟରେ ଅଛି । ପୃଥିବୀ ନିଜ କକ୍ଷପଥରେ ଉଭୟ ଉତ୍ତର ମେରୁ ଓ ଦକ୍ଷିଣ ମେରୁଠାରେ ୨୩ ଡିଗ୍ରୀ ଲେଖାଏଁ ଢଳି ରହିଛି । ପ୍ରତିବର୍ଷ ମେରୁ ଅଞ୍ଚଳରେ ବର୍ଷରେ ଥରେ ସୂର୍ଯ୍ୟ ଉଦୟ ହୁଅନ୍ତି ଏବଂ ଥରେ ଅସ୍ତ ଯା'ନ୍ତି । ତା'ହେଲେ ଆସନ୍ତୁ ଜାଣିବା ସେସବୁ ୬ଟି ଦେଶକୁ ଯେଉଁଠାରେ ଏସବୁ ପ୍ରାକୃତିକ ଚମତ୍କାର ହୁଏ ।







ଆମେ ୧୨ଘଣ୍ଟା ଦିନ ୧୨ଘଣ୍ଟା ରାତି ସହ ପରିଚିତ । ପୃଥିବୀର ସୂର୍ଯ୍ୟ ଚାରିପଟେ ଘୂର୍ଣ୍ଣନ ଯୋଗୁ ଏହା ସମ୍ଭବ ହୁଏ । କିନ୍ତୁ ଏମିତି ଅନେକ ସ୍ଥାନ ଅଛି ଯେଉଁଠାରେ ଅବିରାମ ୨୪ଘଣ୍ଟା ସୂର୍ଯ୍ୟ କିରଣ ମିଳେ ବର୍ଷର ଅନେକ ଦିନ । ଏସବୁ ଦେଶ ଅଛନ୍ତି ଉତ୍ତର ଓ ଦକ୍ଷିଣ ମେରୁର ଶେଷ ଭାଗରେ ଥିବା ଦେଶଗୁଡ଼ିକରେ । ଏଠାରେ ଖରାଦିନେ ସୂର୍ଯ୍ୟ ଅସ୍ତ ହେବା କଷ୍ଟ । କିନ୍ତୁ ଠିକ୍ ବିପରୀତ ହୁଏ ଶୀତ ଦିନରେ । ସୂର୍ଯ୍ୟ ଦିଗ୍‌ବଳୟ ତଳେ ହଜିଯା'ନ୍ତି ଶୀତ ଦିନରେ । ଏହାକୁ କୁହାଯାଏ ମେରୁରାତ୍ରୀ । ଲୋକମାନେ ଏଠାରେ ୬ମାସ ସୂର୍ଯ୍ୟାଲୋକ ଓ ୬ମାସ ଅନ୍ଧାର ଅନୁଯାୟୀ ନିଜ ଜୀବନକୁ ସଜାଡ଼ି ନିଅନ୍ତି ଖୁବ୍ ସହଜରେ ।

ଉଭୟ ମେରୁ ଅଞ୍ଚଳ ଯଥା ଦକ୍ଷିଣରେ ଆଣ୍ଟାର୍କଟିକା ଓ ଉତ୍ତରରେ ଆର୍କଟିକ୍ ଅଞ୍ଚଳ ଶୀତଦିନେ ସୂର୍ଯ୍ୟ ଦେଖେନି କି ଖରାଦିନେ ଅନ୍ଧାର ଦେଖେନି । ଆଣ୍ଟାର୍କଟିକାରେ ଜନବସତି ନାହିଁ । ପେଙ୍ଗୁଇନ୍, ସିଲ୍ ଓ ଅନ୍ୟ ବରଫ ଜୀବଜନ୍ତୁମାନେ ଅଛନ୍ତି ଏଠାରେ । କଦବା କ୍ୱଚିତ୍ ଏଠାକୁ ଯାଉଥିବା ବୈଜ୍ଞାନିକମାନେ ଏହି ବିରଳ ଭୌଗୋଳିକ ଅନନ୍ୟତାକୁ ଉପଭୋଗ କରନ୍ତି । ଅପରପକ୍ଷେ ଆର୍କଟିକ୍ ଅଞ୍ଚଳରେ କିଛି ଜନବସତି ଅଛି ଯେଉଁମାନେ ମଧ୍ୟରାତିର ସୂର୍ଯ୍ୟ ଓ ମେରୁରାତ୍ରିକୁ ଅନୁଭବ କରନ୍ତି ।

ପୃଥିବୀରେ ଏମିତି ଖୁବ୍ କମ୍ ସ୍ଥାନ ଅଛି ଯେଉଁଠାରେ ଖରାଦିନେ ସୂର୍ଯ୍ୟ ଅସ୍ତ ଯା'ନ୍ତି ନାହିଁ କି ଶୀତଦିନେ ଉଦୟ ହୁଅନ୍ତି ନାହିଁ । ଏସବୁ ସ୍ଥାନରେ ଗ୍ରୀଷ୍ମ ଉଷ୍ମ, ଉତ୍ତପ୍ତ ନୁହେଁ । କିନ୍ତୁ ଶୀତ ରୁକ୍ଷ ଓ ଯନ୍ତ୍ରଣାଦାୟକ । ଏସବୁ ସ୍ଥାନ ସବୁ ବର୍ଗର ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରେ ।

## ନରୱେ

ମେ' ମାସରୁ ଜୁଲାଇ ମାସ ପର୍ଯ୍ୟନ୍ତ ୭୬ଦିନ ପର୍ଯ୍ୟନ୍ତ ସୂର୍ଯ୍ୟ କେବେବି ବୁଡନ୍ତିନି ନରୱେରେ । ଏଥିପାଇଁ ଏହି ଦେଶକୁ 'ଲ୍ୟାଣ୍ଡ ଅଫ୍ ଦି ମିଡ୍‌ନାଇଟ୍ ସନ' ମଧ୍ୟ କୁହାଯାଏ । ତେଣୁ ସୂର୍ଯ୍ୟାଲୋକର ଅଧିକ ଆନନ୍ଦ ନେବାକୁ ଚାହୁଁଥିବା ପର୍ଯ୍ୟଟକଙ୍କ ପାଇଁ ଏହା ଖୁବ୍ ପସନ୍ଦଯୋଗ୍ୟ ଦେଶ । ରାତି ହେବା ଯୋଗୁ ବୁଲାବୁଲି ବନ୍ଦ କରିବାକୁ ପଡେନି ଏଠାରେ ବର୍ଷର ପ୍ରାୟ ୬ମାସ । ତେଣୁ ଲୋକମାନେ ଏଠାରେ ମନଭଳି ପ୍ରକୃତିକୁ ଉପଭୋଗ କରିବାର ସୁଯୋଗ ପାଆନ୍ତି ।

ନରୱେର ସ୍ୱାଲବାର୍ଡ ଯାହାକି ୟୁରୋପର ଉତ୍ତର ଭାଗର ଶେଷ ଜନପଦ । ଏଠାରେ ୧୯ ଏପ୍ରିଲ୍‌ରୁ ୨୩ ଅଗଷ୍ଟ ପର୍ଯ୍ୟନ୍ତ ସୂର୍ଯ୍ୟ ବୁଡେନି । ତଥାପି ଏଠାରେ ଜୀବନ ଖୁବ୍ ସ୍ୱାଭାବିକ । ସାରା ଦିନ ସୂର୍ଯ୍ୟାଲୋକ ଥିବାରୁ ଲୋକମାନେ କାମଧନ୍ଦାରେ ଲାଗି ରୁହନ୍ତି ।

## ସ୍ୱିଡେନ

ସ୍ୱିଡେନରେ ମେ' ମାସ ଆରମ୍ଭରୁ ଅଗଷ୍ଟ ମାସ ଅଧା ହେବା ପର୍ଯ୍ୟନ୍ତ ସୂର୍ଯ୍ୟ ଅର୍ଦ୍ଧରାତ୍ରରେ ଅସ୍ତାଚଳକୁ ଯାଆନ୍ତି ଓ ଭୋର୍ ୪.୩୦ଟାରେ ପୁଣି ଉଦୟାଚଳରେ ପହଞ୍ଚି ଯାଆନ୍ତି । ଏଠାରେ ଅର୍ଦ୍ଧ ରାତିରେ ମଧ୍ୟ ଭରପୂର ସୂର୍ଯ୍ୟାଲୋକ ଥାଏ । ବିଶେଷ କରି ଷ୍ଟକ୍‌ହୋମରେ ଆପଣ ଏହାର ସବୁଠାରୁ ଅଧିକ ମଜା ନେଇପାରିବେ । ପ୍ରକୃତରେ ଷ୍ଟକ୍‌ହେମ୍ ୧୪ଟି ଦ୍ୱୀପର ସମାହାର। । ଏଠାରେ ମେଲେରେନ୍ ହ୍ରଦ ବାଲ୍‌ଟିକ୍ ସମୁଦ୍ରରେ ମିଶେ । ଷ୍ଟହୋମ୍‌ର ୩୦ ପ୍ରତିଶତ ଜଳଭାଗ । ଏଠି ଆପଣ ଅର୍ଦ୍ଧ ରାତ୍ରୀରେ ସୂର୍ଯ୍ୟକିରଣରେ ପ୍ରକୃତିର ଦୃଶ୍ୟ ଉପଭୋଗ କରିବା ସହ ପାଣିରେ ବୋଟିଂ କରିପାରିବେ ।



ମଧ୍ୟରାତ୍ରୀରେ ସୂର୍ଯ୍ୟାଲୋକ ପାଉଥିବା ଦେଶଗୁଡ଼ିକ ମଧ୍ୟରେ ନରୱେ ସବୁଠାରୁ ଉଷ୍ମ ଦେଶ । ତେଣୁ ଏହି ଦେଶରେ ପର୍ଯ୍ୟଟନ ଆରାମ ଦାୟକ । ସ୍ୱିଡେନ ୟୁରୋପର ସବୁଠାରୁ ବଡ଼ କିନ୍ତୁ ସବୁଠାରୁ କମ୍ ଜନସଂଖ୍ୟା ବିଶିଷ୍ଟ ଦେଶ । ତେଣୁ ପର୍ଯ୍ୟଟନ ଏଠାରେ ଖୁବ୍ ମନଲୋଭା ।

## ଆଇସ୍‌ଲ୍ୟାଣ୍ଡ

ମେଡ଼ ୧୦ ତାରିଖରୁ ଜୁଲାଇ ଶେଷ ପର୍ଯ୍ୟନ୍ତ ଆଇସ୍‌ଲ୍ୟାଣ୍ଡରେ ସୂର୍ଯ୍ୟ କେବେ ବି ବୁଡେନି । ଏଠାରେ ପ୍ରକୃତିର ଅନେକ ବିବିଧତାକୁ ମନଭରି ଉପଭୋଗ କରିପାରିବେ ଆପଣ । ଏଠାରେ ଆପଣଙ୍କୁ ଅନେକ ଝରଣା, ଜୀବନ୍ତ ଆଗ୍ନେୟଗିରି ଏବଂ ଗ୍ଲାସିୟରର ଶୋଭା ଅନୁଭବ କରିବାର ସୁଯୋଗ ମିଳିବ । ସବୁଠାରୁ ଭଲ ଲାଗିବ ଯେତେବେଳେ ଅର୍ଦ୍ଧ ରାତିରେ ବି ଆପଣ ଦିନର ଆଲୋକ ପାଇପାରିବେ । ଏହା ଆପଣଙ୍କ ଅନ୍ୟ ସବୁ ଅନୁଭବଠାରୁ ଅଲଗା ହେବ ନିଶ୍ଚୟ ।

ଆଇସ୍‌ଲ୍ୟାଣ୍ଡ ବ୍ରିଟେନ୍ ପରେ ୟୁରୋପ୍‌ର ଦ୍ୱିତୀୟ ବୃହତ୍ତମ ଦ୍ୱୀପ ଏବଂ ଏହା ୩୦ଟି ଦ୍ୱୀପକୁ ନେଇ ଗଠିତ । ଏଠାରେ ବରଫାଚ୍ଛନ୍ନ ଧଳା ପର୍ବତ, ନୀଳ ଆକାଶ ଓ ସୂର୍ଯ୍ୟାଲୋକ ଏକ ଅନନ୍ୟ ପ୍ରାକୃତିକ ସୌନ୍ଦର୍ଯ୍ୟ ସୃଷ୍ଟି କରେ ।

## କାନାଡ଼ା

କାନାଡାର ଅନେକ ଅଂଶରେ ଗ୍ରୀଷ୍ମଋତୁରେ ପ୍ରାୟ ୫୦ଦିନ ପର୍ଯ୍ୟନ୍ତ ସୂର୍ଯ୍ୟ ଅସ୍ତ ହୁଅନ୍ତି ନାହିଁ । ଅନ୍ୟ ଦିନମାନଙ୍କରେ ମଧ୍ୟ ଦିନ ଖୁବ୍ ଲମ୍ବା ଥାଏ । ଏଠାରେ ଗ୍ରୀଷ୍ମଋତୁରେ ନାନାପ୍ରକାର କଳା ଉତ୍ସବ ଆୟୋଜିତ ହୁଏ । ଏହାବ୍ୟତୀତ ପର୍ଯ୍ୟଟକମାନେ ପ୍ରକୃତିର ନିକଟତର ହେବାର ଅଧିକ ସୁଯୋଗ ମିଳେ ଏହି ଦିନମାନଙ୍କରେ । ପର୍ଯ୍ୟଟକମାନେ ଶିକାର, ମାଛଧରା ଏବଂ ଗଲ୍‌ଫ ଆଦିର ମଜା ନେଇପାରନ୍ତି ଏସବୁ ଦିନମାନଙ୍କରେ ।

କାନାଡ଼ା କ୍ଷେତ୍ରଫଳ ଅନୁଯାୟୀ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଦେଶ । ଏଠାରେ ବର୍ଷସାରା ପର୍ବତ ଗୁଡ଼ିକ ବରଫ ଘୋଡେଇ ହୋଇ ରହିଥାନ୍ତି । ତେବେ ଦେଶର କିଛି ଅଂଶରେ ଖରାଦିନେ ସୂର୍ଯ୍ୟଙ୍କର ୨୪ଘଣ୍ଟିଆ ପହରା ଥାଏ । ବାକି ଅଂଶରେ ଖରାଦିନେ ୨୦ ଘଣ୍ଟା ପର୍ଯ୍ୟନ୍ତ ସୂର୍ଯ୍ୟାଲୋକ ଥାଏ । ତେବେ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଖରା ଏବଂ ଶୀତ ଉଭୟ କଷ୍ଟକର ନୁହେଁ ଏଠାରେ ।





## ଫିନ୍‌ଲ୍ୟାଣ୍ଡ

ଫିନ୍‌ଲ୍ୟାଣ୍ଡର ଅଧିକାଂଶ ଅଂଶରେ ଖରାଦିନେ ପ୍ରାୟ ୭୩ଦିନ ପର୍ଯ୍ୟନ୍ତ ସୂର୍ଯ୍ୟ ଅସ୍ତ ହୁଅନ୍ତି ନାହିଁ । ଏହି ୭୩ଦିନ ଦେଶରେ ପର୍ଯ୍ୟଟନର ଋତୁ । ସାରା ଦେଶର ପରିବେଶ ଖୁବ୍ ଆକର୍ଷକ ଥାଏ ଏବଂ ପର୍ଯ୍ୟଟକମାନେ ମଧ୍ୟ ଅଧିକ ସଂଖ୍ୟାରେ ଏଠାରେ ଆସି ପହଞ୍ଚନ୍ତି । ପର୍ଯ୍ୟଟକମାନେ ସ୍କାଇଙ୍ଗ୍, ସାଇକେଲିଂ, ରକ୍ କ୍ଲାଇମ୍ବିଂର ମଜା ନିଅନ୍ତି । ଏହି ସମୟରେ ଫିନ୍‌ଲ୍ୟାଣ୍ଡର ଜାତୀୟ ଛୁଟିର ଉତ୍ସବ ମଧ୍ୟ ଅନୁଷ୍ଠିତ ହୁଏ । କହିବାକୁ ଗଲେ ଏ ସମୟରେ ଫିନ୍‌ଲ୍ୟାଣ୍ଡର ସବୁପ୍ରକାର ଖୁସି ଏବଂ ଉପଭୋଗରେ ସାମିଲ ହେବାକୁ ସୁଯୋଗ ମିଳେ ପର୍ଯ୍ୟଟକମାନଙ୍କୁ ।

ହଜାର ହଜାର ହ୍ରଦ ଓ ଦ୍ୱୀପର ଦେଶ ଏହା । ଖରାଦିନ ଖୁବ୍ ଉପଭୋଗ୍ୟ କିନ୍ତୁ ଶୀତ ଖୁବ୍ କଠୋର ଏଠାରେ । ତେବେ ଖରାଦିନେ ଏଠାରେ ପର୍ଯ୍ୟଟକଙ୍କ ପାଇଁ ମୁଖ୍ୟ ଆକର୍ଷଣ ବରଫାଚ୍ଛନ୍ନ ପର୍ବତରେ ସ୍ୱତନ୍ତ୍ର ଭାବରେ ନିର୍ମିତ କାଚର ଇଗ୍‌ଲୁ ।

## ଆଲାସ୍କା

ଏହି ଦେଶରେ ମେ' ଶେଷରୁ ଜୁଲାଇ ଶେଷ ପର୍ଯ୍ୟନ୍ତ ୨୪ଘଣ୍ଟିଆ ଉପସ୍ଥିତି ଥାଏ ସୂର୍ଯ୍ୟଙ୍କର । ନିରକ୍ଷ ବୃତ୍ତର ଦକ୍ଷିଣରେ ଥିବା ଆଲାସ୍କାରେ ଗ୍ରୀଷ୍ମଋତୁର ବଳକା ଦିନମାନଙ୍କରେ ସୂର୍ଯ୍ୟ ରାତି ସାଢ଼େ ବାରଟାରେ ଅସ୍ତ ହୁଅନ୍ତି ଅଳ୍ପ କେଇ ଘଣ୍ଟା ପାଇଁ ।

ଉଡାଜାହାଜରେ ବସି ବରଫାବୃତ୍ତ ପର୍ବତମାନଙ୍କର ଶୋଭା ଉପଭୋଗ କରିବା ଏଠାରେ ପର୍ଯ୍ୟଟନର ମୁଖ୍ୟ ଆକର୍ଷଣ । ହଁ ଦୀର୍ଘ ରାଜପଥରେ କାର୍‌ରେ ବସି ଯିବା ମଧ୍ୟ ଆନନ୍ଦଦାୟକ ଏଠାରେ । ତେବେ ଏଠାରେ ଶୀତ ଖୁବ୍ କଷ୍ଟକର ।

ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧୩ ଫେବୃଆରୀ ୨୦୨୬ । ଶୁକ୍ରବାର

## ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ନୟାଗଡ଼, ୧୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ନୟାଗଡ ଜିଲ୍ଲା ଦଶପଲା ଥାନା ବାଟେଣି ପୋଖରୀରେ ମୃତଦେହ ଭାସୁଥିବା ଦେଖାଯାଇଛି। ନିଖୋଜର ୪ଦିନ ପରେ ଗୁରୁବାର ମିଳିଲା ମୃତଦେହ। ମୃତକ ହେଲେ ବାଟେଣୀ ଗାଁର ରବୀନ୍ଦ୍ର ପ୍ରଧାନ।

ଖବର ଅନୁସାରେ, ଦଶପଲ୍ଲା ଥାନା ବାଟେଣୀ ଗାଁର ରବୀନ୍ଦ୍ର ପ୍ରଧାନ ସୋମବାର ପୋଖରୀକୁ ଗାଧୋଇବାକୁ ଯାଇ ଆଉ ଫେରିନଥିଲେ। ନିଖୋଜ ଦିବସରେ ପ୍ରଥମେ ପୋଖରୀରେ ଚ଼ପଲ ଭାସିଥିଲା। ଚ଼ତୁର୍ଥ ଦିବସରେ ଅର୍ଥାତ୍ ଗୁରୁବାର ତାଙ୍କ ମୃତଦେହ ଭାସୁଥିବା ଦେଖାଯାଇଥିଲା। ଏହାପରେ ଅଗ୍ନିଶମ ବାହୀନି ପହଞ୍ଚି ମୃତଦେହ ଉଦ୍ଧାର କରିଛି। ତେବେ କେଉଁ ପରିସ୍ଥିତିରେ ମୃତ୍ୟୁ ହେଲା, ଏହା ହତ୍ୟା ନା ଆତ୍ମହତ୍ୟା ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇପାରି ନାହିଁ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

## ଗୋଷ୍ଠି କେନ୍ଦ୍ର ନିର୍ମାଣକୁ ବିରୋଧ

**ଜୟପୁର, ୧୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଜୟପୁର ବ୍ଲକ ଅନ୍ତର୍ଗତ ହାଡିଆ ପଞ୍ଚାୟତର ଭତରା ଗ୍ରାମରେ ଘରୋଇ ଜମିରେ ଗୋଷ୍ଠି କେନ୍ଦ୍ର ନିର୍ମାଣ ହେଉଛି। ଏନେଇ ଗ୍ରାମବାସୀମାନେ ସାମିଜ ସେବି ରବିନ୍ଦ୍ର ମହାପାତ୍ରାଙ୍କ ନେତୃତ୍ୱରେ ଜୟପୁର ବିଡିଓଙ୍କ ଦ୍ୱାରସ୍ଥ ହୋଇ ଦାବି ପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ ଗୋଷ୍ଠି କେନ୍ଦ୍ରର କାର୍ଯ୍ୟଦେଶ ଯେଉଁ ବ୍ୟକ୍ତିଙ୍କୁ ଦିଆଯାଇଛି ତାଙ୍କର ପଟ୍ଟା ଜମିରେ ନିର୍ମାଣ କରୁଛନ୍ତି। ଯହାଫଳରେ ଆଗାମୀ ଦିନରେ ଏହି ଗୋଷ୍ଠି କେନ୍ଦ୍ରକୁ ପଟ୍ଟା ଯାହା ନାମରେ ରହିଛି ସେ ଆକ୍ତିଆର କରିବ। ତେଣୁ ଉକ୍ତ କାର୍ଯ୍ୟ ସରକାରୀ ଜମିରେ କରିବାକୁ ଗ୍ରାମବାସୀମାନେ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ଗ୍ରହଣ କରିବା ପରେ ବିଡିଓ ଶକ୍ତି ମହାପାତ୍ର ଉକ୍ତ କାର୍ଯ୍ୟକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ସମବାୟ ୟୁନିୟନର ପ୍ରଶିକ୍ଷଣ

**ଭୁବନେଶ୍ୱର, ୧୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଉତ୍କଳ ଗୌରବ ମଧୁସୂଦନ ସମବାୟ ପରିଚ଼ାଳନା କେନ୍ଦ୍ର, ଓଡ଼ିଶା ରାଜ୍ୟ ସମବାୟ ୟୁନିୟନ, ଭୁବନେଶ୍ୱର ଆନୁକୂଲ୍ୟରେ ଅର୍କକ୍ଷେତ୍ର ବହୁମୁଖୀ ମହିଳା ସମବାୟ ସମିତିର ପରିଚ଼ାଳନା ପରିଷଦ ସଦସ୍ୟ, ସମ୍ପାଦକ, ସଭ୍ୟଙ୍କ ନିମନ୍ତେ କୋଣାର୍କଠାରେ ଏକ ଦିବସୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରୋଗ୍ରାମ କୋ-ଅର୍ଡିନେଟର ଚିନ୍ମୟୀ ଚାରୁଦର୍ଶିନୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁନୀତା ପତି ଡିଆରସିଏସ୍ ତଥା ଉପ ସମ୍ପାଦକ ରାଜ୍ୟ ସମବାୟ ୟୁନିୟନ ଯୋଗଦେଇ ଏହି ପ୍ରୋଗ୍ରାମର ଉଦ୍ଦେଶ୍ୟ ତଥା ମହତ୍ୱ ଆଦି ଆଲୋଚ଼ନା କରିଥିଲେ। ଡକ୍ଟର ପାତଞ୍ଜଳୀ ତ୍ରିପାଠୀ, ସମବାୟ ଅଧିକାରୀ, ସାଧାରଣ ସଭ୍ୟ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ପରିଚ଼ାଳନା ପରିଷଦ, ସାଧାରଣ ସଭାର ଦାୟିତ୍ୱ ଓ କର୍ତ୍ତବ୍ୟ ବିଷୟରେ ଚ଼ର୍ଚ୍ଚା କରିଥିଲେ।। ବିପିନ ଚ଼ନ୍ଦ୍ର ଦାସ, ସମବାୟ ଦର୍ଶନ, ନୀତି ଉପରେ ଶିକ୍ଷା ପ୍ରଦାନ କରିଥିଲେ। ସମବାୟ ବ୍ୟାଙ୍କ ଗୋପ ଶାଖା ପରିଚ଼ାଳିକା ସୁଶ୍ରୀ ସିମା ପରିଡ଼ା ସମବାୟ ଆନ୍ଦୋଳନରେ ନାରୀର ଭୂମିକା ବିଷୟ ବସ୍ତୁ ଉପରେ ଆଲୋକ ପାତ କରିଥିଲେ। ପରିଶେଷରେ ଶ୍ରୀମତୀ ଚାରୁଦର୍ଶିନୀ ସମବାୟ କ୍ଷେତ୍ରରେ ମହିଳାମାନଙ୍କର ସମ୍ଭାବନା ଓ ସୁଯୋଗ ବିଷୟରେ ଆଲୋଚ଼ନା କରିବା ସହ ଧନ୍ୟବାଦ ଅର୍ପଣ ପୂର୍ବକ ପ୍ରଶିକ୍ଷଣ ଶିବିର ପରିସମାପ୍ତ କରିଥିଲେ।

## ସଙ୍କଟ ମୋଚନ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ




**ଖୋର୍ଦ୍ଧା, ୧୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ମୁକୁନ୍ଦପ୍ରସାଦସ୍ଥିତ ସଙ୍କଟ ମୋଚନ ବିଦ୍ୟା ମନ୍ଦିରର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ପ୍ରତିଷ୍ଠାତା ସଭାପତି ଅନ୍ତର୍ଯ୍ୟାମୀ ସାମନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ଭାରତୀୟ ଜୀବନ ବୀମା ନିଗମର ମହାପ୍ରବନ୍ଧକ ରୂପକ କୁମାର ବୋଷ, ମୁଖ୍ୟବକ୍ତା ରୂପେ ଐତିହାସିକ ସତ୍ୟବାଦୀ ବଳିଆରସିଂହ, ସମ୍ମାନିତ ଅତିଥି ରୂପେ ରୀତା ମିତ୍ର ଯୋଗଦେଇ ଛାତ୍ରଛାତ୍ରୀମାନେ କେବଳ ଭଲ ପାଠ ନୁହେଁ ଭଲ ମଣିଷ ହେବା ପାଇଁ ଆହ୍ୱାନ ଦେଇଥିଲେ। ଘରେ ପିଲାମାନଙ୍କୁ ରୀତିନୀତି, ବ୍ୟବହାର ଓ ଶୃଙ୍ଖଳା ଶିକ୍ଷାର ପ୍ରଦର୍ଶନ ପ୍ରତି ଗୁରୁତ୍ୱ ଦେବାକୁ ମା'ମାନଙ୍କୁ କହିଥିଲେ। ପ୍ରଧାନ ଶିକ୍ଷକ ଆଲୋକ କୁମାର ପଣ୍ଡା ସ୍ୱାଗତ ଭାଷଣ, ସମ୍ପାଦିକା ଜ୍ୟୋସ୍ନା ମିତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଗତ ବର୍ଷ ପ୍ରାଥମିକ ବୃତ୍ତି ପରୀକ୍ଷାର କୃତକାର୍ଯ୍ୟ ହୋଇଥିବା ସୌମ୍ୟ ସିଦ୍ଧାର୍ଥ ବାରିକଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରିବା ସହ ସମସ୍ତ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପୁଷ୍ପିତ ଖୁଣ୍ଟିଆ ଓ ପ୍ରୀତିମୟୀ ସେନାପତି ପୁରସ୍କାର ବିତରଣ କାର୍ଯ୍ୟ ଏବଂ ଲକ୍ଷ୍ମୀପ୍ରିୟା ମହାନ୍ତି ଓ ସଂଯୁକ୍ତା ମହାପାତ୍ର ସାଂସ୍କୃତିକ କାର୍ଯ୍ୟ ପରିଚ଼ାଳନା କରିଥିବା ବେଳେ ଜ୍ୟୋସ୍ନାରାଣୀ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## ଅଶ୍ୱନୀଙ୍କ ଅକାଳ ବିୟୋଗ



**କେନ୍ଦ୍ରାପଡ଼ା, ୧୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ସହରର କାକଟସ୍ଥିତ ଜୟଗୁରୁ କ୍ଲବ୍‌ର ପୂର୍ବତନ ସମ୍ପାଦକ ଅଶ୍ୱନୀ କୁମାର ରାଉତଙ୍କର ଗତ ୫ ତାରିଖ ସକାଳେ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୫୭ ବର୍ଷ ବୟସ ହୋଇଥିଲା । ଜଣେ ମେଳାପି, ମିଷ୍ଟଭାଷୀ, ସଂଗଠକ ଭାବେ ତାଙ୍କର ପରିଚିତି ଥିଲା । ତାଙ୍କ ଅକାଳ ବିୟୋଗରେ କ୍ଲବ୍‌ର କର୍ମକର୍ତ୍ତା, ଶୁଭେଚ୍ଛୁମାନେ ଶୋକବ୍ୟକ୍ତ କରିଛନ୍ତି ।

## ମଧ୍ୟାହ୍ନ ଭୋଜନର ମାନ ପରଖିଲେ ଉପଜିଲ୍ଲାପାଳ

**ରାଜନଗର, ୧୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ଘଡିଆମାଳ ପଞ୍ଚାୟତ ନୂଆଗାଁ ପ୍ରାଥମିକ ବିଦ୍ୟାଳୟ ପରିସରରେ ଚାଲିଥିବା ଅଙ୍ଗନବାଡି କେନ୍ଦ୍ରର ସମସ୍ୟା ବୁଝିବାକୁ ଉପଜିଲ୍ଲାପାଳ ଅରୁଣକୁମାର ନାୟକ ଯାଇଥିଲେ। ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ସମୟ ହୋଇଥିବାରୁ ଉପଜିଲ୍ଲାପାଳ ଶ୍ରୀ ନାୟକ ମଧ୍ୟାହ୍ନ ଭୋଜନର ମାନ ପରଖିବା ପାଇଁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଖାଇବାକୁ ବସିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ସ୍ୱାଗତିକା ପ୍ରଧାନ, ସହକାରୀ ଶିକ୍ଷକ କୈଳାସ ସାହୁ, ପାଚିକା ପିଲାମାନଙ୍କ ସହ ଉପଜିଲ୍ଲାପାଳଙ୍କୁ ଅଣ୍ଡା ଓ ଡାଲମା ପରଷିଥିଲେ। ଉପଜିଲ୍ଲାପାଳ ଶ୍ରୀ ନାୟକଙ୍କ ସହ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଅରବିନ୍ଦ ରାୟ, ତହସିଲଦାର ଯୀଶୁକ୍ରିଷ୍ଟ ଦାସ, ସିଡିପିଓ ଦୀପାଳି ମିଶ୍ର, ସରପଞ୍ଚ ଶୈଳେନ୍ଦ୍ର ମିଶ୍ର ମଧ ଖାଦ୍ୟ ଖାଇଥିଲେ। ଉପଜିଲ୍ଲାପାଳ ଶ୍ରୀ ନାୟକ ନିଜ ପ୍ରତିକ୍ରିୟାରେ ଖାଦ୍ୟର ମାନ ଠିକ ଥିଲା ବୋଲି କହିଥିଲେ। ଏହି ଅବସରରେ ଉପଜିଲ୍ଲାପାଳ ଛାତ୍ରଛାତ୍ରୀମାନଙ୍କୁ ପ୍ରଶ୍ନ ପଚାରିଥିଲେ। ଛାତ୍ରଛାତ୍ରୀମାନେ ଉତ୍ତର ଦେଇଥିବାରୁ ଉପଜିଲ୍ଲାପାଳ ଶ୍ରୀ ନାୟକ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ପ୍ରଶଂସା କରିଥିଲେ।

# ବିଜେପିର ପ୍ରଚ଼ାର ପ୍ରସାର ପାଇଁ ଏନଏସିରୁ ଟଙ୍କା ଖର୍ଚ୍ଚ

**କୋଦଳା, ୧୨।୨ ଏକ୍ସପ୍ରେସ୍ ନ୍ୟୁଜ୍**




ଗଞ୍ଜାମ ଜିଲ୍ଲା କୋଦଳା ଏନଏସିରେ ଦୁର୍ନୀତି ଥମିବାର ନାଁ ନେଉନଥିବା ବେଳେ ଏବେ ଆଉ ଗୋଟେ ସାଙ୍ଘାତିକ ଭିଡିଓ ଓ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଗତ ୨୬ ଜାନୁଆରୀ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ କୋଦଳା ଏନଏସି ତରଫରୁ ସ୍ଥାନୀୟ କଲ୍ୟାଣ ମଣ୍ଡପ ଠାରେ କିଛି ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିବା ସହ କିଛି ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଗଲା। କିନ୍ତୁ ଏହି କାର୍ଯ୍ୟକ୍ରମ ବିଷୟରେ କିଛି କାଉନସିଲରଙ୍କୁ ଅବଗତ କରାଯାଇନଥିଲା। କେବଳ କିଛି ସ୍କୁଲ ପିଲାଙ୍କୁ ପୁରସ୍କୃତ କରିବା ପାଇଁ ଚ଼ିଠି ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଷ୍ଟେଜ ଉପରେ ବିଜେପିର ମଣ୍ଡଳ ସଭାପତି ସନ୍ତୋଷ କୁମାର ପଲେଇ ଉପସ୍ଥିତ ରହି ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଏତେ ବଡ଼ କାର୍ଯ୍ୟକ୍ରମ କରିବା ପାଇଁ ସରକାରଙ୍କ କୌଣସି ନିର୍ଦ୍ଦେଶ ଆସିନଥିବା ବେଳେ କାଉସିଲ ବଡି ବୈଠକ ମଧ ହୋଇନଥିଲା। କେମିତି ଏତେ ବଡ଼ କାର୍ଯ୍ୟକ୍ରମ କଲେ ବୋଲି ଆମ ପ୍ରତିନିଧି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ କୃଷ୍ଣଚ଼ନ୍ଦ୍ର ରଥଙ୍କୁ ପଚ଼ାରିବାରୁ ସେ କହିଲେ ଅଧକ୍ଷ ସୂର୍ଯ୍ୟନାରାୟଣ ନାୟକ କହିବାରୁ ଆମେ କଲୁ ସେ ହେଉଛନ୍ତି ସର୍ବେସର୍ବା କିନ୍ତୁ ଭିଡିଓରେ କୌଣସି ପ୍ରତିକ୍ରିୟା ଦେବାପାଇଁ ମନା କରିଥିଲେ। ଖାଲି ଏତିକି ନୁହଁ ବିଭିନ୍ନ ସମୟରେ କୋଦଳା ଏନଏସିରେ ଦୁର୍ନୀତି ଏତେ ବଢ଼ିଗଲାଣି କି ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ଏବଂ ସୂଚ଼ନା ଅଧିକାର କର୍ମୀ ସମର୍ଜିତ ମାହାନ୍ତି ଜିଲ୍ଲା ପ୍ରଶାସନ, ଭିଜିଲାନ୍ସ ଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କୁ ପିଟିସନ ଦେବାର ମାସ ମାସ ବିତିଯାଇଥିଲେ ମଧ କୌଣସି ତଦନ୍ତ ବର୍ତ୍ତମାନ ସୁଦ୍ଧା ହୋଇନାହିଁ। ଅଧକ୍ଷଙ୍କ କ'ଣ ଏଇଟା ପୈତୃକ ସମ୍ପତି କି? ନିଜ ଦଳର ପ୍ରଚ଼ାର ପ୍ରସାର ପାଇଁ କାହିଁକି ହୀନ ରାଜନୀତି କରୁଛନ୍ତି ତତ୍‌ସହ କାର୍ଯ୍ୟ ନିର୍ବାହୀ ଅଧିକାରୀ କାହିଁକି ବିଜେପିର ଦଲାଲ ଗିରି କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି କାଉସିଲର ଭଗବାନ ପାଢ଼ୀ। ଏହାକୁ ନେଇ ପିଟିସନ ଦାଖଲ କରିବେ ବୋଲି ମଧ କହିଛନ୍ତି। ଯଦି ଏହାରି ଉପରେ ନିରପେକ୍ଷ୍ୟ ତଦନ୍ତ ନହୁଏ ତାହେଲେ ଅନଶନରେ ବସିବେ ବୋଲି କହିଛନ୍ତି ଶ୍ରୀ ପାଢ଼ୀ। ସବୁବେଳେ ଦୁର୍ନୀତିର ଚ଼ର୍ଚ୍ଚାରେ ରହି ଆସୁଥିବା କୋଦଳା ଏନଏସି ପ୍ରତି କାହିଁକି ଜିଲ୍ଲା ପ୍ରଶାସନ ନିରବ କାହିଁକି ଭିଜିଲାନ୍ସ ନିରବ କାହିଁକି ରାଜ୍ୟ ସରକାର ନିରବ? ତାକୁ ନେଇ ଏବେ ବଡ଼ ପ୍ରଶ୍ନ।

## ମନରେଗା ଯୋଜନାରେ ବ୍ୟାପକ ଦୁର୍ନୀତି

**ଢେଙ୍କାନାଳ, ୧୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ କାନ୍ତୋଲ ପଂଚାୟତ ମନରେଗା ଦୁର୍ନୀତି ଦିନକୁ ଦିନ ବଢୁଛି କଉଠି ରାତିରେ ମେସିନ ଲଗେଇ କାମ କରୁଛନ୍ତି ତ କଉଠି କାମ ନ କରି ବିଲ କରାଯାଉଛି। ଏଡିଓ ଠାରୁ ପଂଚାୟତ ଅଧିକାରୀ ଯନ୍ତ୍ରୀ ସମସ୍ତେ ସମ୍ପୃକ୍ତି ଥିବା ସନ୍ଦେହ କରାଯାଇଛି। ପ୍ରତିଦିନ ମେଜେରମେଣ୍ଟ ହେବା କଥା କିନ୍ତୁ ଫୋଟୋରେ ଫୋଟ ଏନଏମଏମଏସ ଚତୁର ଶହ ଫୋଟ ଉଠେଇ ଉପଲୋଡ କରାଯାଉଛି। କିନ୍ତୁ ଗତ ୯ ତାରିଖରେ ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଜନଶୁଣାଣିରେ କାନ୍ତୋଲ ଗ୍ରାମର ପ୍ରଶାନ୍ତ ଦେହୁରୀ ଅଭିଯୋଗ କରିଛନ୍ତି। କାନ୍ତୋଲ ମାଟି କେନାଲ ମାରୁରିଆ ସାହିର କୌଣସି କାର୍ଯ୍ୟ କରାଯାଇନାହିଁ। ଯାହା ବିଲ କରାଯାଇଛି ୪,୪୦,୨୨୯ ଟଙ୍କା ବିଲ ହୋଇଛି ଏ ବିଷୟରେ ଯନ୍ତ୍ରୀ ରବିନାରାୟଣ ନନ୍ଦୀଙ୍କୁ ଯୋଗାଯୋଗ କରିଥିଲେ ସମ୍ଭବ ହୋଇନଥିଲା। ପ୍ରଶାସନ କ'ଣ ପଦକ୍ଷେପ ନେବେ ଦେଖିବାକୁ ବାକି ରହିଲା।

## ଶୈବପୀଠରେ ଜବରଦଖଲ ଉଚ୍ଛେଦ



**ସାକ୍ଷୀଗୋପାଳ, ୧୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ସତ୍ୟବାଦୀର ସର୍ବ ପୁରାତନ ପ୍ରାଚ଼ୀନ ଶୈବ ପୀଠ ବରାଳ ବାଲୁଙ୍କେଶ୍ୱର ମହାଦେବଙ୍କ ମନ୍ଦିରରେ ମହାଶିବରାତ୍ରି ଜାଗର ଯାତ୍ରା ଚ଼ଳିତ ମାସ ୧୫ ତାରିଖରେ ଅନୁଷ୍ଠିତ ହେବ। ଯାତ୍ରାରେ ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ଓ ଜନଗହଳିକୁ ଲକ୍ଷ କରି ସତ୍ୟବାଦୀ ବ୍ଲକ ପ୍ରଶାସନ ପକ୍ଷରୁ ମନ୍ଦିର ଚ଼ତୁଃପାର୍ଶ୍ୱରୁ ଅସ୍ଥାୟୀ ଜବରଦଖଲ ଉଚ୍ଛେଦ ପ୍ରକିୟା ଆରମ୍ଭ କରାଯାଇଛି। ମନ୍ଦିର ସମ୍ମୁଖରେ ବସୁଥିବା ଉଠା ଦୋକାନୀ, ରାସ୍ତା ଅବରୋଧ କରି ବ୍ୟବସାୟ କରୁଥିବା ବ୍ୟବସାୟୀ ଓ ସର୍ବସାଧାରଣଙ୍କ ଯାତାୟତ ରାସ୍ତାରୁ ଅବରୋଧ ହଟେଇବା ପାଇଁ ସତ୍ୟବାଦୀ ପ୍ରଶାସନ ପକ୍ଷରୁ ଡ୍ରୋଜର ଯୋଗେ ଉଭୟ ପାର୍ଶ୍ୱ ଭଙ୍ଗାଯାଇ ଅବରୋଧ ହଟେଇ ଦିଆଯାଇଛି। ପୂର୍ବ ପ୍ରସ୍ତୁତି ଅନୁଯାୟୀ ଜାଗର ଯାତ୍ରାରେ ଜନଗହଳିକୁ ଦୃଷ୍ଟିରେ ରଖି ସମସ୍ତ ପ୍ରସ୍ତୁତି ସହିତ ଏହି ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରାଯାଇଛି। ପୂର୍ବରୁ ଅବରୋଧକାରୀମାଙ୍କୁ ହଟିଯିବା ପାଇଁ ସତ୍ୟବାଦୀ ତହସିଲଦାରଙ୍କ କାର୍ଯ୍ୟାଳୟ ପକ୍ଷରୁ ଅନୁରୋଧ କରାଯାଇଥିଲା। ଉଚ୍ଛେଦ ସମୟରେ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ଓମ ପ୍ରକାଶ ପରିଡା ଓ ସତ୍ୟବାଦୀ ଥାନା ଅଧିକାରୀ ଆରକ୍ଷୀମାନଙ୍କ ସହିତ ଉପସ୍ଥିତ ଥିଲେ।

## ବ୍ଲକ କଂଗ୍ରେସ ସଭାପତିଙ୍କ ନାମ ଘୋଷଣା

**ବେତନଟୀ, ୧୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରଦେଶ କଂଗ୍ରେସ କମିଟି ଅଧୀନରେ ରହୁଥିବା ମୟୁରଭଞ୍ଜର ପୂର୍ବ ଜିଲ୍ଲା କଂଗ୍ରେସ କମିଟିର ବେତନଟୀ ବ୍ଲକ ସଭାପତି ଭାବରେ କୁଶଧର ବେହେରାଙ୍କ ନାମ ଘୋଷଣା କରାଯାଇଛି। ଓଡିଶା ପ୍ରଦେଶ କଂଗ୍ରେସ କମିଟିର ପ୍ରଶାସନ ଅଧିକାରୀ ସମୀର କୁମାର ରାଉତରାୟଙ୍କ ଗତ ଫେବୃଆରୀ ୮ ତାରିଖରେ ହୋଇଥିବା ଚ଼ିଠି ନମ୍ବର ୨୫(୭)/୨୦୨୬ ଅନୁସାରେ ପୂର୍ବ ଜିଲ୍ଲାର ୧୬ ବ୍ଲକର ସଭାପତିଙ୍କ ନାମ ଘୋଷଣା କରାଯଇଥିବା ବେଳେ ବେତନଟୀ ବ୍ଲକର କୁଶଧର ବେହେରାଙ୍କୁ ଦ୍ୱିତୀୟଥର ପାଇଁ ବେତନଟୀ ବ୍ଲକ ସଭାପତି ଭାବେ ପୁନର୍ବାର ଘୋଷଣା କରାଯାଇଥିବା ସୂଚ଼ନା ମିଳିଛି। ଓଡିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତଚ଼ରଣ ଦାଶ ଏହାକୁ ଅନୁମୋଦନ କରିବା ପରେ ଘୋଷଣା କରାଯାଇଥିବା ଜଣାପଡିଛି। ଏଥିପାଇଁ ବେତନଟୀ ଅଞ୍ଚଳର ସମସ୍ତ କଂଗ୍ରେସ ପ୍ରେମୀ, କଂଗ୍ରେସ ସଦସ୍ୟ ଓ କର୍ମୀମାନଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି। ଆଗାମୀ ଦିନରେ କଂଗ୍ରେସ ସଂଗଠନ କିଭଳି ସୁଦୃଢ଼ ହେବ ଏନଏସି ଏବଂ ଗ୍ରାମ ପଂଚ଼ାୟତ ନିର୍ବାଚ଼ନକୁ କିଭଳି ପରିଚ଼ାଳନା କରାଯିବ ଏବଂ ନିର୍ବାଚ଼ନ ରଣାଙ୍ଗନରେ ନିଜର କାର୍ଯ୍ୟ ଦକ୍ଷତା ବଢାଇବା ସହ ବେତନବାସୀ ତାଙ୍କୁ ସହଯୋଗ କରିବାପାଇଁ ସଭାପତି କୁଶଧର ବେହେରା ନିବେଦନ କରିବା ସହ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ଡ଼ିସିସି ସଭାପତି ପୂର୍ଣ୍ଣଚ଼ନ୍ଦ୍ର ବିଶ୍ୱାଳ, ପିସିସି ସଭାପତି ଭକ୍ତଚ଼ରଣ ଦାଶ ଏବଂ ଓଡିଶା ପ୍ରଦେଶ କଂଗ୍ରେସ କମିଟିର ପ୍ରଶାସନ ଅଧିକାରୀ ସମୀର କୁମାର ରାଉତରାୟଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ବ୍ୟାଙ୍କ ପରାମର୍ଶଦାତା କମିଟି ବୈଠକ

**ବ୍ରହ୍ମପୁର, ୧୨।୨ ଏକ୍ସପ୍ରେସ୍ ନ୍ୟୁଜ୍**



ଛତ୍ରପୁର ସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଗଞ୍ଜାମ ଜିଲ୍ଲା ବ୍ୟାଙ୍କ୍ ସମୂହ ପକ୍ଷରୁ ଅର୍ଥପରାମର୍ଶଦାତା କମିଟି ବୈଠକ ଜିଲ୍ଲାପାଳ ଭି.କୀର୍ତ୍ତି ଭାସନ୍‌ଙ୍କ ଅଧକ୍ଷାତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ୩୪ ବ୍ୟାଙ୍କର୍ ସମୁଦାୟ ୪୫୪ଟି ଶାଖା ଅଛି। ୨୦୨୫ ଡିସେମ୍ବର ମାସ ଶେଷ ସୁଦ୍ଧା ସମସ୍ତ ବ୍ୟାଙ୍କରେ ମୋଟ ୩୪୨୭୯ କୋଟି ଟଙ୍କା ଜମା ରଖିଥିବା ବେଳେ ମୋଟ ୨୩୭୪୮ କୋଟି ଟଙ୍କା ଋଣ ପ୍ରଦାନ କରାଯାଇଛି। ଯାହାକି ଲକ୍ଷ୍ୟ ଧାର୍ଯ୍ୟର ଶତକଡା ୬୯. ୨୮ ପ୍ରତିଶତ ରହିଛି। ଏତ୍‌ତ ବ୍ୟତୀତ ସମୂହ ବ୍ୟାଙ୍କ୍ ତରଫରୁ ଡିସେମ୍ବର ସୁଦ୍ଧା ମୋଟ ୧୧୪୭୬ କୋଟି ପ୍ରାଥମିକତା କ୍ଷେତ୍ରରେ ଋଣ ପ୍ରଦାନ କରିଛନ୍ତି। କୃଷି କ୍ଷେତ୍ରରେ ୬୯ ପ୍ରତିଶତ, କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପ କ୍ଷେତ୍ରରେ ୭୨ ପ୍ରତିଶତ ଏବଂ ଶିକ୍ଷା ଓ ଗୃହ କ୍ଷେତ୍ରରେ ୩୨ ପ୍ରତିଶତ ଏବଂ ୪୨ ପ୍ରତିଶତ ଋଣ ପ୍ରଦାନ କରାଯାଇଛି। ଏଥିସହ ବ୍ୟାଙ୍କମାନଙ୍କ ଦ୍ୱାରା ଅଣ ପ୍ରାଥମିକତା କ୍ଷେତ୍ରରେ ମୋଟ ୬୪୯୮ କୋଟି ଟଙ୍କା ଋଣ ପ୍ରଦାନ କରାଯାଇଛି। ସେହିପରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚ଼ଳିତ ସମସ୍ତ ଯୋଜନା ସଫଳ ରୂପାୟନ ଓ କାର୍ଯ୍ୟକ୍ଷମ କରିବା ପାଇଁ ଅଧକ୍ଷ ସମସ୍ତ ବ୍ୟାଙ୍କ୍ ଏବଂ ଜିଲ୍ଲାସ୍ତରୀୟ ସମସ୍ତ ଜିଲ୍ଲା ଅଧିକରୀମାନଙ୍କୁ ଜିଲ୍ଲାପାଳ ଉପଦେଶ ଦେଇଥିଲେ। ରାଜ୍ୟ ସରକାରଙ୍କ ପ୍ରଚ଼ଳିତ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାକୁ ଆଗାମୀ ମାର୍ଚ୍ଚ ୨୫ ସୁଦ୍ଧା ଆବେଦନ ହୋଇଥିବା ସମସ୍ତ ଋଣଦାତାକୁ ଋଣ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡା, ୟୁନିଅନ ବ୍ୟାଙ୍କ କ୍ଷେତ୍ରୀୟ ମୁଖ୍ୟ ଏଲ. ସଂଗୀତା କୁଜୁର, ଆରବିଆଇ ଏଲଡ଼ିଓ ରାହୁଲ କାନ୍ତ, ନାବାର୍ଡ ଡ଼ିଡ଼ିଏମ ସଂଜୀବ ମିଶ୍ର ଏବଂ ଏଲ୍‌ଡିଏମ୍ ହିମାଚ଼ଂଳ ସାହୁଙ୍କ ସମେତ ଜିଲ୍ଲାର ସମସ୍ତ ବ୍ୟାଙ୍କର ଅଧିକାରୀ ଏବଂ ସହକାରୀ ଅଧିକାରୀମାନେ ଯୋଗଦେଇଥିଲେ। ଶେଷରେ ଏଲ୍‌ଡିଏମ୍ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସଡକ ସୁରକ୍ଷା ସଚେତନତା

**ଖଣ୍ଡପଡ଼ା, ୧୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଖଣ୍ଡପଡ଼ା ମହିଳା ଡ୍ରିଗ୍ରୀ ମହାବିଦ୍ୟାଳୟର ଛାତ୍ରୀମାନେ ସଡକ ସୁରକ୍ଷା, ଜୀବନ ରକ୍ଷା ଅଭିଯାନରେ ବୁଧବାର ସାମିଲ ହୋଇଥିଲେ। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଜରିଆରେ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ବେଳେ ଛାତ୍ରୀମାନେ ପ୍ଲାକାର୍ଡ ଧରି ସାଧାରଣରେ ସଚେତନତା ସୃଷ୍ଟି କରିବା ସହ ଖଣ୍ଡପଡ଼ାରୁ ଖଳିସାହିକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ପହଞ୍ଚି ବାଇକ ଚ଼ାଳକମାନଙ୍କୁ ଅଟକାଇ ସଦାସର୍ବଦା ହେଲମେଟ ପିନ୍ଧି ଯାତାୟତ କରିବା ନେଇ ସଚେତନ କରିଥିଲେ। ସେହିପରି ରାସ୍ତାରେ ଗଲାବେଳେ ଟ୍ରାଫିକ ନିୟମକୁ ମାନିବା ସହ ନିୟନ୍ତ୍ରଣ ଭିତରେ ଯାନବାହନ ଚ଼ଳାଚ଼ଳ କରିବାକୁ ଚ଼ାଳକମାନଙ୍କୁ ଛାତ୍ରୀମାନେ ପରାମର୍ଶ ଦେଇଥିଲେ।

## ଗ୍ରାମ ମୁରବିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

**କଟକ, ୧୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ବିଡାନାସି ଥାନା ଅଧୀନ ଦେଉଳସାହି ନିବାସୀ ଗ୍ରାମ ମୁରବି, ମଷ୍ଟାଭାଷୀ କ୍ଷୀରୋଦ ଚ଼ନ୍ଦ୍ର ସେଠୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଓ ଶ୍ରଦ୍ଧାଞ୍ଜଳୀ ସଭା ପାଳିତ ହୋଇଯାଇଛି। ଆଇନଜିବୀ ସମେନ୍ଦ୍ର ସେଠୀଙ୍କ ପରିଚ଼ାଳନାରେ ଅନୁଷ୍ଠିତ ଶ୍ରାଦ୍ଧବାର୍ଷିକୀ ଅବସରରେ ପ୍ରଥମେ ଅତିଥିମାନଙ୍କ ଦ୍ୱାରା ସ୍ୱର୍ଗତ ସେଠୀଙ୍କ ଫଟୋଚ଼ିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା। ଏହି ଶ୍ରଦ୍ଧାଞ୍ଜଳୀ ସଭାରେ ଅତିଥି ଭାବରେ ବରିଷ୍ଠ ଆଇନଜିବୀ ଧ୍ରୁବଚ଼ରଣ ରାଉତ, ବାଦଲ ଚ଼ରଣ ରାଏ, ମୁକ୍ତିକାନ୍ତ ଦାସ, ସମାଜସେବୀ ସୁକାନ୍ତ ସେଠୀ, ଆଇନଜିବୀ ସୁଭ୍ରାଂଶୁ ଶେଖର ମହାନ୍ତି, ଶିଶିର ନାୟକ, ଦେବାଶିଷ ପାଣିଗ୍ରାହୀ, ଅମିତାବ ପଟ୍ଟନାୟକ, ପ୍ରଦୀପ ମହାନ୍ତି, ବିକ୍ରମକେଶରୀ ସିଂହ, ଜଗନ୍ନାଥ ମହାନ୍ତି, ଗଦାଧର ସାହୁ, ମାନସ ବେହେରା, ଅବିନାଶ ରାଉତରାୟ, ସତ୍ୟନାରାୟଣ ସେଠୀ, ଜିତେନ୍ଦ୍ର ସେଠୀ, ରଞ୍ଜନ କୁମାର ସେଠୀ, ଦୀପକ ସେଠୀ, ପଞ୍ଚଣ ସେଠୀ, ମିଥୁନ୍ ସେଠୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗଦେଇ କ୍ଷୀରୋଦ ସେଠୀଙ୍କ ଆମର ଆତ୍ମାର୍ ସଦଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

## ଶ୍ରୀମଦ୍ ଭାଗବତ ପାରାୟଣ ପ୍ରସ୍ତୁତି

**ଢେଙ୍କାନାଳ, ୧୨।୨ ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ଦଧିବାମନ ମଠସ୍ଥିତ ଶ୍ରୀ ଭାଗବତ ମଣ୍ଡପ ଠାରେ ଭାଗବତ ପରିଷଦର ୩ୟ ପ୍ରସ୍ତୁତି ବୈଠକ ବସାଯାଇ ଆସନ୍ତା ମାର୍ଚ୍ଚ ୩ ତାରିଖରୁ ୧୦ ତାରିଖ ଯାଏଁ କିପରି ସୂଚାରୁ ରୂପେ ଏହା ପାଳନ କରାଯାଇ ପାରିବ, ଏ ବିଷୟରେ ସବିଶେଷ ଆଲୋଚନା କରାଯାଇଥିଲା । ସଭାପତି ସତ୍ୟ ପ୍ରିୟ ରଥ ଅଧକ୍ଷତା କରିଥିବାବେଳେ ମୁଖ୍ୟ ଉପଦେଷ୍ଟା ପଣ୍ଡିତ ବାଣିଶ୍ରୀ ବିନୋଦ କୁମାର ନାୟକ ସ୍ୱସ୍ତିବାଚକ ପ୍ରଦାନ ପୂର୍ବକ କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ପ୍ରାରମ୍ଭରେ ସଂଗୀତ ଗୁରୁ ଅକ୍ଷୟ କୁମାର ନାୟକ ଦିବଂଗତ କବିଭୂଷଣ ରାଜ କିଶୋର ପଟ୍ଟନାୟକଙ୍କ ରଚନାରୁ ସୁନ୍ଦର କେ ଭଜନ ଗାନ କହିଥିଲେ ଏବଂ ସଂପାଦକ ଶିକ୍ଷୀ ପରେଶ ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ପାରାୟଣ ପାଇଁ ଆଲୋକ ମଞ୍ଚସଜ୍ଜା, ଶବ୍ଦ ତଥା ପ୍ରବଚକମାନଙ୍କର ଯିବା ଆସିବା ଓ ଅନ୍ୟାନ୍ୟ ଆନୁସଂଗୀକ କଥାକୁ ସଭ୍ୟମାନେ ନିଜ ନିଜ ଭିତରେ ସଠିକ୍ ଭାବରେ ବାଣ୍ଟି ନେଇଥିଲେ। ସଭ୍ୟ ରବିନାରାୟଣ ମହାନ୍ତି ସ୍ୱଇଚ୍ଛାରେ କେତେକ ସଭ୍ୟଙ୍କୁ ନେଇ ଅନୁଷ୍ଠାନର ଉନ୍ନତି ବିଷୟରେ ଆମର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ସ୍ୱାଗତ କରି କହିବେ ବୋଲି ପ୍ରତିଶ୍ରୁତି ଦେଲେ। ବରିଷ୍ଠ କାର୍ଯ୍ୟକାରିଣୀ ସଭ୍ୟ ଶରତ ମିଶ୍ର ପୂଜ୍ୟ ସାଧୁ ବନମାଳୀ ଦାସଙ୍କୁ କିଭଳି ଭାବରେ ସମ୍ବର୍ଦ୍ଧନା ସହ କୃତଜ୍ଞତା ପ୍ରଦାନ କରାଯିବ ବୁଝାଇବା ସହ ଦାୟିତ୍ୱ ନେଲେ । ବାବାଙ୍କ ନିମିତ ଶ୍ରୀଜଗନ୍ନାଥଙ୍କ ଅଙ୍ଗବସ୍ତ୍ର ମଗାଇବା ଦାୟିତ୍ୱ ସଭ୍ୟ ଅବନୀ ମିଶ୍ରଙ୍କୁ ଦିଆଗଲା । ମଣ୍ଡପ ପରିବେଶ ଶୌଚ କରିବା ଦାୟିତ୍ୱ ସ୍ଥାନୀୟ ସମାଜସେବୀ କାଉନ୍‌ସିଲର ସଂଦୀପ ଷଡଙ୍ଗୀ ମହୋଦୟ ନେବା ପରେ ଠାକୁରଙ୍କ ସଂଧ୍ୟା ଆଳତୀ ସାରି ସଭା ସାଙ୍ଗ କରାଗଲା । ଉପଦେଷ୍ଟା ଭାବରେ ଆର୍ଯ୍ୟରତ୍ନ ଚକ୍ରଧରଙ୍କୁ ଗ୍ରହଣ କରାଗଲା ।

## ପରୀକ୍ଷା ପରିଚ଼ାଳନା ନେଇ ସମୀକ୍ଷା

**ନୂଆପଡା, ୧୨।୨ ଏକ୍ସପ୍ରେସ୍ ନ୍ୟୁଜ୍**




ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ନୂଆପଡ଼ା ଠାରେ ଆସନ୍ତା ଦଶମ ବୋର୍ଡ ପରୀକ୍ଷା ପରିଚ଼ାଳନା ପାଇଁ ପ୍ରସ୍ତୁତି ବୈଠକ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ଃ ପ୍ରଶାନ୍ତ କୁମାର ମହାନ୍ତିଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ଅଧ୍ୟକ୍ଷତା କରି ଜିଲ୍ଲାରେ ଏକ ଅବାଧ, ମୁକ୍ତ ଓ ଶାନ୍ତିପୂର୍ଣ୍ଣ ପରୀକ୍ଷା ସମ୍ପାଦନା କରିବା ପାଇଁ ଅଧିକ୍ଷକମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚ଼ଳିତ ବର୍ଷ ସମସ୍ତ ୯୬୩୬ ପରୀକ୍ଷାର୍ଥୀ ସୁବିଧାରେ ଯେମିତି ପରୀକ୍ଷା ଦେଇପାରିବେ ସେଥିପାଇଁ ସମସ୍ତ ପ୍ରଧାନଶିକ୍ଷକ ଯତ୍ନବାନ ହେବେ। ପରୀକ୍ଷାର୍ଥୀ ନିର୍ଭୟରେ ପରୀକ୍ଷା ଦେବା ସହ ପରୀକ୍ଷା ଫଳ ବିଗତ ବର୍ଷ ଅପେକ୍ଷା ଭଲ କରିବା ପାଇଁ ଆହ୍ୱାନ ଦେଇଥିଲେ। ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା ପରୀକ୍ଷା ପରିଚ଼ାଳନାର ନିର୍ଦ୍ଦେଶାବଳୀ ପୁଙ୍ଖାନୁପୁଙ୍ଖ ଆଲୋଚ଼ନା କରିଥିଲେ। ଉଭୟ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର ଏବଂ ଡ଼ଃ ରେଶମ ଲାଲ ନାଏକ ମଧ ପରୀକ୍ଷାକୁ ସୁବ୍ୟବସ୍ଥିତ କରିବା ପାଇଁ କହିଥିଲେ। ପ୍ରକାଶ ଥାଉ କି ଚ଼ଳିତ ବର୍ଷ ନୂଆପଡ଼ା ଜିଲ୍ଲାରେ ୯୬୩୬ ଛାତ୍ରଛାତ୍ରୀଙ୍କ ପାଇଁ ୫୯ଟି ପରୀକ୍ଷା କେନ୍ଦ୍ର ଓ ୭୮ଜଣ ରାଜ୍ୟ ମୁକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ଗୋଟିଏ ପରୀକ୍ଷା କେନ୍ଦ୍ର ନିର୍ଦ୍ଧାରିତ କରାଯାଇଛି। ସେହିପରି ପରୀକ୍ଷା ଫଳରେ ଉନ୍ନତି କରିବା ଉଦ୍ଦେଶ୍ୟରେ ପ୍ରତ୍ୟେକ ବ୍ଲକରେ ୫୦ଜଣ ଛାତ୍ରଛାତ୍ରୀଙ୍କୁ ନେଇ ୬ ଦିନିଆ ବ୍ଲକସ୍ତରୀୟ ମେଧା ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଦ୍ୱାରା ଆୟୋଜିତ ଏହି ଶିବିରର ସଫଳତା ପାଇଁ ଜିଲ୍ଲାପାଳ ନୂଆପଡ଼ା ଶ୍ରୀ ଦାସଙ୍କ ସମେତ ଜିଲ୍ଲା ଶିକ୍ଷା ଅଧିକାରୀ, ଉଭୟ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଶିବିରଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ସହ ଆଲୋଚ଼ନା କରିଥିଲେ।

## ବିଭିନ୍ନ ସ୍ଥାନରେ ବନ୍ଦର ପ୍ରଭାବ

**କବିସୂର୍ଯ୍ୟନଗର, ୧୨।୨ ଏକ୍ସପ୍ରେସ୍ ନ୍ୟୁଜ୍**



ଗୁରୁବାର ଭାରତ ବନ୍ଦ। ୧୪ଟି ଶ୍ରମିକ ସଂଗଠନ ଓ ୫ଟି ବାମପନ୍ଥୀ ଦଳ ୧୨ ଘଣ୍ଟିଆ ବନ୍ଦ ଡାକରାରେ ଚ଼ାଲିଛି ଆନ୍ଦୋଳନ। ବିଜୁ ଶ୍ରମିକ ସାମ୍ମୁଖ୍ୟ ଏହି ଧର୍ମଘଟ ଡାକରାକୁ ନୈତିକ ସମର୍ଥନ ଜଣାଇଛି। ଟ୍ରେଡ୍ ୟୁନିୟନ ଓ ବାମପନ୍ଥୀ ଦଳଗୁଡିକ ସହ କଂଗ୍ରେସ ହରତାଳରେ ସାମିଲ ହୋଇଛନ୍ତି। ଧର୍ମଘଟରେ ରୋଗୀ ଚ଼ିକିତ୍ସା, ଆମ୍ବୁଲାନ୍ସ ସେବା, ସମ୍ବାଦ ସରବରାହ, ଅଗ୍ନିଶମ ସେବା ଓ ଜଳଯୋଗାଣରେ ବ୍ୟାଘାତ ହେବନି ବୋଲି ଶ୍ରମିକ ନେତାମାନେ ସ୍ପଷ୍ଟ କରିଛନ୍ତି।

ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗରରେ ଦେଖିବାକୁ ମିଳିଛି ବନ୍ଦର ପ୍ରଭାବ। ସକାଳୁ ସକାଳୁ ସିପିଆଇ, କଂଗ୍ରେସ କର୍ମୀମାନେ ବନଦେବୀ ମନ୍ଦିର ଛକରେ ରାସ୍ତା ଅବରୋଧ କରି ବସିଛନ୍ତି। ସରକାରୀ ବିରୋଧ ନାରା ଦେଇ ସହରରେ ବାଇକ ରାଲି କରି ଅଫିସ ଅଫିସ ବୁଲି ବନ୍ଦ କରୁଥିବା ଦେଖିବାକୁ ମିଳିଥିଲା। କବିସୂର୍ଯ୍ୟନଗର ବନ୍ଦ କରିବାରେ ସିପିଆଇ ନେତା ପ୍ରବୀଣ କୁମାର ଦାସ, ମଜିଦ ଖାଁ, ରଜନୀ ନାହାକ, ସନ୍ତୋଷ ମହାରଣା, ସନ୍ତୋଷ ନାୟକ ସାମିଲ ଥିବା ବେଳେ କଂଗ୍ରେସ ପକ୍ଷରୁ ସଂଜୟ ମଣ୍ଡଳ, ନବ କିଶୋର ଜେନା, ସୁବାସ ଜେନାଙ୍କ ସମେତ ଉଭୟ ଦଳର ବହୁ କର୍ମୀ ସାମିଲ ଥିବା ବେଳେ ଅଙ୍ଗନବାଡି କର୍ମୀମାନେ ସାମିଲ ହୋଇ ଆନ୍ଦୋଳନକୁ ସଫଳ କରିଥିବା ଜଣାଯାଇଛି। ଆଜିର ଦେଶ ବ୍ୟାପି ଧର୍ମଘଟ ଡାକରାରେ ପ୍ରମୁଖ ଦାବି ମଧ୍ୟରେ ରହିଛି ଦେଶରେ ବେକାରୀଙ୍କ ସଂଖ୍ୟା ବଢିଚ଼ାଲିଛି। ଅତ୍ୟାବଶ୍ୟକୀୟ ସାମଗ୍ରୀ ଦରଦାମ ଏବେ ଆକାଶଛୁଆଁ। ଶ୍ରମିକଙ୍କ ମଜୁରିର ପରିମାଣ କମିବାରେ ଲାଗିଛି। ସଂଗଠନ ଦାବି କରିଛି ଯେ ଶ୍ରମିକ ସ୍ୱାର୍ଥ ବିରୋଧୀ ୪ଟି ଶ୍ରମ କୋଡ ରଦ୍ଦ କର। 'ଭିବି ଜି ରାମ ଜି' ଆଇନକୁ ରଦ୍ଦ କରି ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍‌ର ପୁନଃ ଲାଗୁ କର। ଶ୍ରମିକଙ୍କ ମାସିକ ସର୍ବନିମ୍ନ ମଜୁରୀ ୨୬ହଜାର ଟଙ୍କା, ଶ୍ରମିକ ବିରୋଧୀ ଶ୍ରମ ଶକ୍ତି ନୀତି-୨୦୨୫ ରଦ୍ଦ, ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର ଓ ଘରୋଇକରଣ ବନ୍ଦ, ଘରୋଇ ସେକ୍ଟର ଆଣବିକ ଶକ୍ତି (ଶାନ୍ତି) ବିଲ ରଦ୍ଦ, ଏନପିଏସ୍ ଓ ୟୁପିଏସ୍ ରଦ୍ଦ କରି ପୁରୁଣା ପେନସନ ସ୍କିମ ପୁନଃ ଲାଗୁ, କୃଷକ ବିରୋଧୀ କୃଷି ଆଇନ ପ୍ରତ୍ୟାହାର କର। ବିଦ୍ୟୁତ ସଂଶୋଧନ ବିଲ୍, ବିହନ ବିଲ, ଶିକ୍ଷା ସଂକୋଚ଼ନକାରୀ ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ, ସବ୍‌କା ବୀମା ସବ୍‌କା ରକ୍ଷା ବିଲ ରଦ୍ଦ ଦାବିରେ ଏହି ଧର୍ମଘଟ ଆହ୍ୱାନ ଦିଆଯାଇଛି।

**ମାହାଙ୍ଗା:** କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ବିରୋଧୀ ନୀତି ପ୍ରତିବାଦରେ ଭାରତର ୧୦ଟି କେନ୍ଦ୍ରୀୟ ଟ୍ରେଡ଼ ୟୁନିଅନ ଓ ସ୍ୱାଧୀନ ଫେଡ୍ରେସନ ପକ୍ଷରୁ ଦିଆଯାଇଥିବା ୧୨ ଘଣ୍ଟିଆ ଧର୍ମଘଟ କୁ ସମର୍ଥନ କରି ମାହାଙ୍ଗାରେ ଏଆଇୟୁଟିସି ଡାକରାରେ ବିକେଏମୟୁ କ୍ଷେତ ମଜଦୁର ୟୁନିଅନ ସ୍ୱାଧୀନ ଫେଡେରେସନ ପକ୍ଷରୁ ଧର୍ମଘଟ ଓ ହରତାଳ କରାଯିବା ସହ ବନ୍ଦ ପାଳନ କରାଯାଇଥିଲା। ଏ ନେଇ ଗୁରୁବାର କୁମୁଡା ବିରୂପା ପୋଲ ନିକଟରୁ ଏକ ଶୋଭାଯାତ୍ରା ବାହାରି କେନ୍ଦ୍ର ସରକାରଙ୍କ ଶ୍ରମିକ ଜନମରଣା ନୀତି ଓ ଶ୍ରମିକ ବିରୋଧୀ ନୀତି ବିରୁଦ୍ଧରେ ବିଭିନ୍ନ ନାରା ବାଜି ଦେଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ସଭା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶ୍ରମିକ ନେତା କମ୍ରେଡ ରଞ୍ଜନ କୁମାର ଓଝା, ଶ୍ରମିକ ନେତା ହରିହର ମହାନ୍ତି, ଅଙ୍ଗନୱାଡି ସଭାନେତ୍ରୀ ରଶ୍ମିବାଳା ମହାନ୍ତି, ସିପିଆଇ ସମ୍ପାଦକ ଆଦିକନ୍ଦ ମଲ୍ଲିକ, ପ୍ରଶାନ୍ତ କୁମାର ସୂତାର, ହୃଷିକେଶ ଦାସ, ରତି ଲେଙ୍କା, ସ୍ମୃତି ପ୍ରିୟ ବିଶ୍ୱାଳ, ଆଶାଲତା ସିଂହ, ତୃପ୍ତି ରଂଜିତା ଶତପଥି, ଜ୍ୟୋସ୍ନା ମହାରଣା, ଗଣେଶ୍ୱର ପାତ୍ର, ଅଭିମନ୍ୟୁ ସାହୁ, ଚ଼ିତ୍ତରଞ୍ଜନ ସାହୁ, ଅନିଲ କୁମାର ମଲିକ, ହରେକୃଷ୍ଣ ରାଉତ, ମାଧବାନନ୍ଦ ପୃଷ୍ଟି, ସନ୍ତୋଷ ମହାନ୍ତି, ଅନୁପ କୁମାର ସିହ୍ନା, ସୁବାଷ ବେହେରା, ପରୀକ୍ଷିତ ଜେନା, ଗୀତାଞ୍ଜଳି ପ୍ରଧାନ, ପ୍ରଦାୟିନୀ ବାରିକ, ଭାନୁମତୀ ସାହୁ, ସ୍ମୃତି ପ୍ରିୟ ସିଂହ, ଯୁଲେଖା ଖାତୁନଙ୍କ ସମେତ ବହୁ ଶ୍ରମିକ ଓ ମହିଳା ଉପସ୍ଥିତ ରହି ସରକାରଙ୍କ ଶ୍ରମିକ ମାରଣ ନୀତିକୁ କଡା ସମାଲୋଚ଼ନା କରିଥିଲେ। ପୂର୍ବ ବର୍ଷର ୪୪ଟି ଲେବର ଲ'କୁ ସରକାର ବଦଳାଇ ଥିଲେ। ଏହା ବଦଳରେ ୪ଟି ନୂଆ ଲେବର କୋର୍ଡ ଆଣିଥିଲେ ଯାହାକୁ ବିରୋଧ କରି ଭାରତ ବନ୍ଦ ଡାକରା ଦିଆଯାଇଛି। ବିଶେଷ କରି ଶ୍ରମିକ ବିରୋଧୀ ଚ଼ାରୋଟି ଶ୍ରମ କୋର୍ଡ଼ ପ୍ରତ୍ୟାହାର, ଶ୍ରମ ଶକ୍ତି ନୀତି ୨୦୨୫ର ପ୍ରତ୍ୟାହାର, ରାଷ୍ଟ୍ରୀୟ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର ଓ ଘରୋଇ କରଣ ବନ୍ଦ, ବିଦ୍ୟୁତ ସଂଶୋଧନ ବିଲ ୨୦୨୫ ବାତିଲ, ଘରୋଇ ସେକ୍ଟର ଆଣବିକ ଶକ୍ତି ଆଇନ ବାତିଲ, ସର୍ବନିମ୍ନ ପେନସନ ନଅ ହଜାର ଟଙ୍କା ଆଦି ଦାବି କରିଥିଲେ।

**ନିମାପଡ଼ା:** ୧୦ଟି ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ୍ ପକ୍ଷରୁ ଦିଆଯାଇଥିବା ୧୨ ଘଣ୍ଟିଆ ସର୍ବଭାରତୀୟ ଧର୍ମଘଟ ଡାକରା ନିମାପଡ଼ାରେ ପ୍ରଭାବଶୂନ୍ୟ ହୋଇଛି। ଗୁରୁବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦେଶ ବ୍ୟାପୀ ଧର୍ମଘଟ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ଶ୍ରମ ଆଇନକୁ ବିରୋଧ କରି ୧୦ଟି ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ୍ ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଥିବା ବେଳେ କଂଗ୍ରେସ ଓ ବିଜେଡି (ବିଜୁ ଶ୍ରମିକ ସାମ୍ମୁଖ୍ୟ) ଆନ୍ଦୋଳନକୁ ସମର୍ଥନ କରିଥିଲେ। ୪ଟି ନୂତନ ଶ୍ରମ କୋଡ୍ ବାତିଲ କରିବା, ୨୦୨୫ ବିଦ୍ୟୁତ୍ ସଂଶୋଧନ ବିଲକୁ ପ୍ରତ୍ୟାହାର, କୃଷକମାନଙ୍କ ଉପରୁ ସମସ୍ତ କୃଷିଋଣ ଛାଡ଼, ୩୦୦ ୟୁନିଟ ବିଦ୍ୟୁତ ବିଲ ଛାଡ଼, କୃଷିଜାତ ଦ୍ରବ୍ୟର ସ୍ୱାମୀନାଥନ କମିସନ ଅନୁସାରେ ଏମ୍‌ଏସ୍‌ପି ଲାଗୁ, ସ୍ମାର୍ଟ ମିଟର ଲଗାଇବା ବନ୍ଦ ଏବଂ ସ୍ୱାସ୍ଥ୍ୟସେବାର ଘରୋଇକରଣ ବନ୍ଦ କରାଯିବା ସହିତ ସମାନ କାମକୁ ସମାନ ଦରମା, ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କୁ ଆଇନଗତ ସୁରକ୍ଷା, ଦରଦାମ ଓ ବେକାରୀ ନିୟନ୍ତ୍ରଣ ଓ ସଂଖ୍ୟାଲଘୁଙ୍କୁ ସାମାଜିକ ନ୍ୟାୟ ପ୍ରଦାନ ଦାବିରେ ଏହି ଧର୍ମଘଟ ଡାକରା ଦିଆଯାଇଥିଲା। ସ୍କୁଲ, କଲେଜ, କୋର୍ଟ, ମେଡିକାଲ ଆଦିରେ ସ୍ୱାଭାବିକ ଭାବେ କାର୍ଯ୍ୟ ଚ଼ାଲିଥିବାବେଳେ ସଡକରେ ଯାତାୟତ କରୁଥିବା ଯାତ୍ରୀମାନେ ସାମାନ୍ୟ ସମସ୍ୟାର ସମ୍ମୁଖୀନ ହୋଇଥିବା ଜଣାପଡିଛି। ସର୍ବଭାରତୀୟ ବ୍ୟାଙ୍କ କର୍ମଚ଼ାରୀ ସଂଘ ଓ ଅଫିସର୍ସ ସଂଘ ଏହି ଧର୍ମଘଟରେ ସାମିଲ ହୋଇଥିଲେ ସୁଦ୍ଧା ବ୍ୟାଙ୍କ ସେବାରେ କୌଣସି ଅସୁବିଧା ଉପୁଜି ନଥିଲା। ଅପରାହ୍ନ ୧ଟା ପରେ ଗାଡ଼ି ମୋଟର ଚ଼ଳାଚ଼ଳ ସ୍ୱାଭାବିକ ହୋଇଥିଲା। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ନିମାପଡ଼ା ଥାନା ଆଇଆଇସି ସମରେନ୍ଦ୍ର ପାଇକରାୟଙ୍କ ସମେତ ୨ଜଣ ଏସଆଇ, ଇନ୍ସପେକ୍ଟର ଏବଂ ୨ପ୍ଲାଟୁନ ପୋଲିସ ଫୋର୍ସ ଧର୍ମଘଟ ସ୍ଥଳ ଏବଂ ଛକଯାଗାମାନଙ୍କରେ ଉପସ୍ଥିତ ଥିଲେ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୧୩ ଫେବୃଆରୀ ୨୦୨୬ ● ଶୁକ୍ରବାର


## ବିଭିନ୍ନ ସ୍ଥାନରେ ଧର୍ମଘଟ

**କୋରେଇ:** କେନ୍ଦ୍ର ଓ ରାଜ୍ୟସରକାରଙ୍କ ଶ୍ରମିକ, କର୍ମଚାରୀ ଓ କୃଷକ ବିରୋଧୀ ଆଇନକୁ ପ୍ରତ୍ୟାହାର ଦାବିରେ ୧୦ଟି ମିଳିତ କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ ଓ ସ୍ୱାଧୀନ ଫେଡେରେସନ ଦେଶବ୍ୟାପି ସାଧାରଣଧର୍ମଘଟ ଓ ବନ୍ଦର ପ୍ରଭାବ ଯାଜପୁର ରୋଡରେ ପରିଲକ୍ଷିତ ହୋଇଥିଲା। ଏହି ସାଧାରଣ ଧର୍ମଘଟରେ ରାଜ୍ୟ ଅଣସଂଗଠିତ ଶ୍ରମିକ କର୍ମଚାରୀ କଂଗ୍ରେସର ରାଜ୍ୟ ସଭାପତି ବିଦ୍ୟାଧର ମହାନ୍ତିଙ୍କ ନେତୃତ୍ୱରେ ବିଭିନ୍ନ ଶ୍ରମିକ ସଂଗଠନ ସାମିଲ ହେବା ସହିତ ବ୍ୟାସନଗର କଂଗ୍ରେସ କମିଟି ଏହି ବନ୍ଦରେ ସାମିଲ ହୋଇଥିଲେ। ଯାଜପୁର ରୋଡ ସ୍ଥିତ ଅତିରିକ୍ତ ଶ୍ରମଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ବିଦ୍ୟାଧର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବ୍ୟାସନଗର କଂଗ୍ରେସ ସଭାପତି ତପନ କୁମାର ନାୟକ, ଆଇଏନଟିୟୁସି ନେତା ନାରାୟଣ ଚନ୍ଦ୍ର ନାୟକ, ନିରଞ୍ଜନ ପରିଡ଼ା, ବିଜୟ କୁମାର ବୋଇତାଇ, ଜଗବନ୍ଧୁ ନାୟକ, ଆରତୀ ସ୍ୱାଇଁ, କେକେସି ନେତା ପ୍ରତାପ କୁମାର ଦାସ, ପରୀକ୍ଷିତ ମଲ୍ଲିକ, ବିଦ୍ୟାଧର ଯେନା, ସେକ ଅତରୁଦ୍ଦିନ ଅହମଦୀ, ଅଭିମନ୍ୟୁ ପାତ୍ର, ଲକ୍ଷ୍ମୀଧର ପାତ୍ର ଓ ବରିଷ୍ଠ କଂଗ୍ରେସ ନେତା ପଦ୍ମନାଭ ସ୍ୱାଇଁ, ହୃଦାନନ୍ଦ ସାମଲ, ଦିଲ୍ଲୀପ କୁମାର ମଲ୍ଲିକ, ରାଜ କିଶୋର ପ୍ରଧାନ, ସୁରେନ୍ଦ୍ର ନାୟକ, ପ୍ରଫୁଲ୍ଲ କୁମାର ପାତ୍ର, ନରହରି ବେହେରା, ବିଚିତ୍ର ପାତ୍ର, ବିଜୟ କୁମାର ମାଝି ପ୍ରମୁଖ ଉପସ୍ଥିତ ଥିଲେ।

**ପୁରୁଷୋତ୍ତମପୁର:** ଶ୍ରମିକ ସଙ୍ଗଠନ ପକ୍ଷରୁ ଆହୂତ ସର୍ବଭାରତୀୟ ଧର୍ମଘଟ ଅବସରରେ ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଅଞ୍ଚଳର ବିଭିନ୍ନ ସଙ୍ଗଠନ ସହ ନିଖିଳ ଓଡିଶା ଅଙ୍ଗନୱାଡି କର୍ମୀ ସଂଘ ଆଜି ପୁରୁଷୋତ୍ତମପୁର ସହର ବିଭିନ୍ନ ସ୍ଥାନରେ ପିକେଟିଂ ସହ ସରକାରୀ କାର୍ଯ୍ୟାଳୟ, ଦୋକାନ ବଜାର ବନ୍ଦ କରିଥିଲେ। ସହରର କାଳୀମନ୍ଦିର ଛକଠାରେ ସକାଳ ୯ଟାରେ ସିପିଆଇ ଜୋନ ସମ୍ପାଦକ ସତ୍ୟ ନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ଏହି ସର୍ବଭାରତୀୟ ଧର୍ମଘଟକୁ ସମର୍ଥନ ଜଣାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରକାଶ ଚନ୍ଦ୍ର ବେହେରା, ପ୍ରହଲ୍ଲାଦ ସ୍ୱାଇଁ, ଅଙ୍ଗନବାଡି ବ୍ଲକ ସଭାପତି ମମତାଜ ଖୁଣ୍ଟିଆ, ସମ୍ପାଦକ ଦମୟନ୍ତୀ ଦୋରା, ଯୁବ କଂଗ୍ରେସ ରାଜ୍ୟ ସୋସିଆଲ ମିଡ଼ିଆ ସଂଯୋଜକ ପବିତ୍ର ସେଠି ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହ ଶତାଧିକ ଅଙ୍ଗନବାଡି, ଆଶା, ସିପିଆଇ କର୍ମୀ ସହଯୋଗ କରିଥିଲେ।

**ବ୍ରହ୍ମପୁର:** କେନ୍ଦ୍ରୀୟ ଶ୍ରମିକ ସଂଗଠନଗୁଡ଼ିକ ପକ୍ଷରୁ ଶ୍ରମ କୋଡ଼ ବାତିଲ, ମନରେଗାର ପୁନଃ ପ୍ରଚଳନ, ଫସଲର ମୂଲ୍ୟ ନିର୍ଦ୍ଧାରଣ ପାଇଁ ଆଇନ, ସରକାରୀ ସମ୍ପତ୍ତିର ବିକ୍ରି ବନ୍ଦ କରିବା, ଦର କମାଇବା, ସର୍ବନିମ୍ନ ମଜୁରୀ ମାସିକ ୨୬ହଜାର କରିବା ଦାବିରେ ଧର୍ମଘଟ ବନ୍ଦ ଡାକରା ଦିଆଯାଇଥିଲା। ଏହାକୁ ବ୍ରହ୍ମପୁର ସହରରେ ଜନସାଧାରଣ ସାହାଯ୍ୟ ଓ ସହଯୋଗ କରିଥିବା ଯୋଗୁଁ ଧନ୍ୟବାଦ ଜ୍ଞାପନ କରାଯାଇଛି। ଆଜି ସକାଳେ ରେଳ ଷ୍ଟେସନ ଠାରେ ପିକେଟିଂ ଆରମ୍ଭ ହୋଇଥିଲା। ତା'ପରେ ପୋଷ୍ଟ ଅଫିସ, ଏସବିଆଇ, ଆରଡିସି, କୋର୍ଟ, ସମେତ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟ ବନ୍ଦ କରାଯାଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ଅଲି କିଶୋର ପଟ୍ଟନାୟକ, ଯୁଧିଷ୍ଠିର ବେହେରା, ପ୍ରଶାନ୍ତ ପାଟଯୋଶୀ, ପ୍ରଦୀପ ସେଠି, ଭୋକଲି ସେଠି, ସୋମନାଥ ବେହେରା, ସତ୍ୟ ତ୍ରିପାଠୀ, ପ୍ରତାପ ଚୌଧୁରୀ, ଶିବପ୍ରସାଦ ମହାପାତ୍ର, ଗୋପାଳ ପାଣିଗ୍ରାହୀ, ବାବୁଲା ନାୟକ, ମଧୁ ବେହେରା, ଜି ମୋହନ ରାଓ, ହରି ନାହାକ, ରାଜରାଓ, ଚିଟିବାବୁ, କେଶବ ଗୌଡ଼, କାଳି ମିଶ୍ର, ନୀଳ ମାଧବ ରଥ, କାମଦେବ ନାହାକ, ପପୁନ ସାହୁ, ନିମାଇଁ ସାହୁ, ଆଦିତ୍ୟ ତ୍ରିପାଠୀ, ଶଙ୍କର ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ।

**ଖୋର୍ଦ୍ଧା:** ୧୦ ଶ୍ରମିକ ସଂଗଠନ ଆହ୍ୱାନରେ ଆଜି ନୂଆ ବସଷ୍ଟାଣ୍ଡଠାରୁ ଶ୍ରମିକ ଓ ପାଚିକା ସଂଗଠନ ଓ ବାମପନ୍ଥୀ କର୍ମୀମାନଙ୍କ ଏକ ବିରାଟ ଶୋଭାଯାତ୍ରା ବାହାରି ଦାବିଗୁଡ଼ିକ ସ୍ଲୋଗାନ ମାଧ୍ୟମରେ ପ୍ରଚାର କରି ସହର ପରିକ୍ରମା କରିଥିଲେ। ସମବାୟ ବ୍ୟାଙ୍କ ଛକରେ ଏକ ପ୍ରତିବାଦ ସଭା ସଂଯୋଜକ ଅନନ୍ତ ମଙ୍ଗରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଆଇୟୁଟିୟୁସି ଖୋର୍ଦ୍ଧା ଜିଲ୍ଲା ସଭାପତି ଅଶୋକ ସାହୁ, ସିଆଇଟିୟୁ ଜିଲ୍ଲା ଉପ ସଭପତି ଶୈଳେଶ ବଳିଆରସିଂହ, ସିପିଆଇଏମ ଖୋରଧା ଲୋକାଲ ସମ୍ପାଦକ କିଶୋର ଚନ୍ଦ୍ର ପରମଗୁରୁ, ଶିକ୍ଷକ ନେତା ସୁରେଶ ବିଶ୍ୱାଳ, ଛାତ୍ରନେତା ଜୟନ୍ତ ମହାନ୍ତି, ଅବିନାଶ ପ୍ରଧାନ, ଶ୍ରୀକାନ୍ତ ନାୟକ, ବସ୍ତିନେତା କାର୍ତ୍ତିକ ଚନ୍ଦ୍ର ଘଡ଼େଇ, କଂଗ୍ରେସ ନେତା ରଣଜିତ୍ ମହାପାତ୍ର, ମାଜଦା କଂକ୍ରିଟ ଶ୍ରମିକ ନେତା ଯୋଗେନ୍ଦ୍ର ଦାସ, ପାଚିକାମାନଙ୍କ ପକ୍ଷରୁ ମିନତି ଚମ୍ପତି ପ୍ରଭୃତି କେନ୍ଦ୍ର ସରକାରଙ୍କ ଜନବିରୋଧୀ ଶ୍ରମ କୋଡ ବାତିଲ, ସ୍କିମ ଶ୍ରମିକମାନଙ୍କ ମାସିକ ଦରମା ୨୬ହଜାର ଟଙ୍କା, ସ୍ମାର୍ଟ ମିଟର ବସାଇବା ବନ୍ଦ କରିବା ଇତ୍ୟାଦି ଦାବି କରି କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତିକୁ ବିରୋଧ କରିଥିଲେ। ଖୋର୍ଦ୍ଧା ସହରର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ, ଶିକ୍ଷା ଅନୁଷ୍ଠାନ, ଅଫିସ, ବ୍ୟାଙ୍କ ଓ ବୀମା ଇତ୍ୟାଦି ବନ୍ଦକୁ ସମର୍ଥନ କରି ବନ୍ଦଥିଲା। ତିନି ଶହରୁ ଉର୍ଦ୍ଧ୍ୱ ଅନ୍ଦୋଳକରି ଧର୍ମଘଟରେ ସାମିଲ ହୋଇଥିଲେ। ଖୋରଧାବାସୀଙ୍କ ଅକୁଣ୍ଠ ସମର୍ଥନ ସଫଳେ ଧର୍ମଘଟ ସଫଳ ହୋଇପାରିଛି।

**ବାଙ୍କୀ:** ବାଙ୍କୀ ଉପଖଣ୍ଡରେ ଆଜି ଭାରତ ବନ୍ଦ ଉପଲକ୍ଷେ ଏ.ଆଇ.ୟୁ.ଟି.ୟୁସି ପକ୍ଷରୁ ଏକ ଶୋଭାଯାତ୍ରା ରଟିକା ମାର୍କେଟରୁ ପ୍ଲାକକାର୍ଡ ଧରି ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ଉପଜିଲ୍ଲାପାଳଙ୍କ ଅଫିସରେ ପହଞ୍ଚିଥିଲେ। ଶ୍ରମିକ କର୍ମଚାରୀଙ୍କ ୨୯ଟି ଶ୍ରମ ଆଇନକୁ ଉଚ୍ଛେଦ କରି କେନ୍ଦ୍ର ବିଜେପି ସରକାର ଶ୍ରମିକ କର୍ମଚାରୀ ବିରୋଧି ଶ୍ରମକୋଡ୍ ପ୍ରଣୟନ କରିବା ବିରୁଦ୍ଧରେ ଏହି ରାଲି ହୋଇଥିଲା। ଦେଶ ସାରା ପ୍ରିପେଡ୍ ସ୍ମାର୍ଟ ବିଦ୍ୟୁତ୍ ମିଟର ଲଗାଇ ଲକ୍ଷ ଲକ୍ଷ ବିଦ୍ୟୁତ୍ କର୍ମଚାରୀଙ୍କୁ ଶୋଷଣ କରିବା, ଶ୍ରମିକ କର୍ମଚାରୀଙ୍କ ସାମାଜିକ ସୁରକ୍ଷା ପାଇଁ ଆଣିଥିବା ଇପିଏଫ୍ ଓ ଇଏସ୍.ଆଇସିକୁ ମାଲିକ କର୍ତ୍ତୃପକ୍ଷ ଇଚ୍ଛାଧିନ କରାଯାଇଥିବା ବିରୁଦ୍ଧରେ ଏହି ବନ୍ଦ ଡାକରା ଦିଆଯାଇଥିଲା। ବାଙ୍କୀରେ ଏହି କାର୍ଯ୍ୟକ୍ରମକୁ ବ୍ଲକ ସଂପାଦକ ଦିଲ୍ଲୀପ୍ କୁମାର ବାରିକ, କଟକ ଜିଲ୍ଲା ସହ ସଂପାଦକ ପ୍ରିୟଦର୍ଶନ ପାଦେ, ଛାତ୍ର ନେତା ବିନୋଦ ସେଠୀ, କଳ୍ପନା ନାୟକ, ଶାନ୍ତିଲତା ରାଉତ ପ୍ରଭୃତିଙ୍କ ନେତୃତ୍ୱରେ ଏ ରାଲି ଅନୁଷ୍ଠିତ ହୋଇଥିଲା। ବାଙ୍କୀରେ ଭାରତ ବନ୍ଦର କୌଣସି ପରିଲିକ୍ଷିତ ହୋଇନଥିଲା।

**ଚାରିଛକ:** କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ବିରୋଧି ନୀତି ପ୍ରତିବାଦରେ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ମିଳିତ ମଂଚ ପକ୍ଷରୁ ଗୁରୁବାର ୧୨ ଘଂଟିଆ ଧର୍ମଘଟ ଓ ହରତାଳ ସଫଳ ହୋଇଥିବା ବେଳେ ଜରୁରୀ କାଳୀନ ସେବା ଅବ୍ୟାହତ ରହିଥିଲା। ଚାରିଛକ ଠାରେ ଏହି ବନ୍ଦ ଡାକରାକୁ ବିଭିନ୍ନ ସଂଗଠନ ପକ୍ଷରୁ ପୂର୍ଣ୍ଣ ସମର୍ଥନ ମିଳିଥିବା ଦେଖିବାକୁ ମିଳିଛି। ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ବନ୍ଦ ରହିଥିବା ବେଳେ ଜରୁରୀ କାଳୀନ ସେବା ଠିକଠାକ ଚାଲୁ ରହିଥିଲା। ଏହି ବନ୍ଦ ଡାକରାରେ କୃଷକ ନେତା କୃଷ୍ଣଚନ୍ଦ୍ର ରାଉତ, ସନାତନ ପାତ୍ର, ସନ୍ତୋଷ ବେହେରା, ପ୍ରଦୀପ୍ତ କୁମାର ମହାନ୍ତି, ନୃସିଂହ ମହାନ୍ତି, ଶିବ ବିଶ୍ୱାଳ, କାଳନ୍ଦୀ ବେହେରା, ବନ ବିହାରୀ ଦାଶ, ରଘୁନାଥ ବେହେରା, ଶଙ୍କର ପରିଡା, ଗୋବର୍ଦ୍ଧନ ସାହୁଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ।

**କେନ୍ଦ୍ରାପଡ଼ା:** ମନରେଗା ବଞ୍ଚାଅ, ଶ୍ରମିକ ବିରୋଧୀ ଶ୍ରମ କୋଡ଼ ରଦ୍ଦ, ଜନ ବିରୋଧୀ ବିଦ୍ୟୁତ୍ ସଂଶୋଧନ ବିଲ୍ ପ୍ରତ୍ୟାହାର, କୃଷକ ବିରୋଧୀ ବିହନ ବିଲ୍-୨୦୨୫ ବାତିଲ, ସରକାରୀ ମୂଲ୍ୟରେ ସମସ୍ତ ଧାନକ୍ରୟ, କୃଷିଜାତ ପଦାର୍ଥର ସର୍ବନିମ୍ନ ସହାୟକ ମୂଲ୍ୟ ପାଇଁ ଆଇନ ଆଦି ୨୧ଦଫା ଦାବି ନେଇ ଦିଆଯାଇଥିବା ଭାରତବନ୍ଦ ଡ଼ାକରାର ପ୍ରଭାବ କେନ୍ଦ୍ରାପଡା ଜିଲ୍ଲାରେ ଅନୁଭୂତ ହୋଇଛି। କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନମାନଙ୍କ ମିଳିତ ମଞ୍ଚ, ସଂଯୁକ୍ତ କିଷାନ ମୋର୍ଚ୍ଚା ଏବଂ ସ୍ୱାଧୀନ ଫେଡରେସନ ସମୂହ ଡ଼ାକରାରେ ଅନୁଷ୍ଠିତ ଏହି ବନ୍ଦକୁ କେନ୍ଦ୍ରାପଡା ଜିଲ୍ଲାରେ କଂଗ୍ରେସ ସମେତ ସମସ୍ତ ବାମଦଳ ସମର୍ଥନ ଜଣାଇ ଏଥିରେ ସାମିଲ ହୋଇଥିଲେ। ବିଜେଡି ମଧ୍ୟ ଏହାକୁ ସମର୍ଥନ ଜଣାଇ ବିଭିନ୍ନ ସ୍ଥାନରେ ସାମିଲ ହୋଇଥିଲା। କେନ୍ଦ୍ରାପଡା ସହରର ତିନିମୁହାଣୀ ଛକରେ ସକାଳ ୬ଟାରୁ ପିକେଟିଂ କରାଯାଇ କଟକ ଚାନ୍ଦବାଲି ରାସ୍ତାକୁ ବନ୍ଦ କରି ଦିଆଯାଇଥିଲା। ପରେ ଶୋଭାଯାତ୍ରାରେ ଯାଇ ବିଭିନ୍ନ ଅଫିସ ଦପ୍ତର, ବ୍ୟାଙ୍କ, ବୀମା, ପୋଷ୍ଟାଲ, ଦୋକାନ ବଜାର, ସ୍କୁଲ କଲେଜ ବନ୍ଦ କରାଯାଇଥିଲା। ଅନ୍ୟପକ୍ଷରେ ଏହି ବନ୍ଦକୁ ସମସ୍ତ ବ୍ୟାଙ୍କ, ବୀମା ଓ ପୋଷ୍ଟାଲ କର୍ମଚାରୀ ସଙ୍ଘ ପକ୍ଷରୁ ସମର୍ଥନ କରି ବନ୍ଦରେ ସାମିଲ ହୋଇଥିଲେ। ଆଶା, ପାଚିକା, ଅଙ୍ଗନବାଡି କର୍ମୀ, ଅବସରପ୍ରାପ୍ତ କର୍ମଚାରୀଙ୍କ ପକ୍ଷରୁ ମଧ୍ୟ ବନ୍ଦକୁ ସମର୍ଥନ କରାଯାଇଥିଲା। ବନ୍ଦ ପରିପ୍ରେକ୍ଷୀରେ ଆହୂତ ସାଧାରଣ ସଭାକୁ ସିପିଆଇ(ଏମ) ଜିଲ୍ଲା ସମ୍ପାଦକ ତଥା ସଂଯୁକ୍ତ କିଷାନ ମୋର୍ଚ୍ଚା ଜିଲ୍ଲା ଆବାହକ ଗାୟଧର ଧଳ ସଭା ପରିଚାଳନା କରିଥିଲେ। ଏହି ସଭାରେ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ସନ୍ତୋଷ ବେହେରା, କଂଗ୍ରେସ ନେତା ପ୍ରଫୁଲ ଦାସ, ସିପିଆଇ ନେତା ରମଣୀରଞ୍ଜନ ରାଉତରାୟ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ଡ଼ ସିପ୍ରା ମଲ୍ଲିକ, ସିଟୁ ନେତା ଜଗତ ଜୀବନ ଦାସ, ମାଧବ ଦାସ, ଏଆଇଟିୟୁସି ନେତା ବାବାଜୀ ଧଳ, ବିଧୁଭୂଷଣ ମହାପାତ୍ର, ୟୁଟିୟୁସି ପକ୍ଷରୁ ଏଲିନା ସାମନ୍ତରାୟ, ହୀରାମଣି ରାଉତ, ଯୁବ ବିଜେଡି ନେତା ରାଜେଶ ପଣ୍ଡା, ଏଚଏମ୍ଏସ ନେତା ତ୍ରିଲୋଚନ ଦାସ, ନବନିର୍ମାଣ କୃଷକ ସଙ୍ଗଠନ ନେତା ହୃଷିକେଶ ନାୟକ, ଅଖିଳ ଭାରତକୃଷକ ସଭା ନେତା ଆଦିକନ୍ଦ ରାଉଳ, ଅବସର ପ୍ରାପ୍ତ କର୍ମଚାରୀ ସଙ୍ଘ ନେତା ଅଜୟ ସାମଲ, ଶିକ୍ଷକ ନେତା ତ୍ରିଲୋକ୍ୟନାଥ ସ୍ୱାଇଁ, ବ୍ୟାଙ୍କ କର୍ମଚାରୀ ନେତା ଆଶୁତୋଷ ପ୍ରସାଦ, ପାଚିକା ନେତ୍ରୀ କୁମୁଦିନି ସେନାପତି, ସଂଜୁଲତା ଦାସ ପ୍ରମୁଖ ବକ୍ତବ୍ୟ ରଖି କେନ୍ଦ୍ର ଓ ରାଜ୍ୟ ସରକାରର ଜନ ବିରୋଧୀ ନୀତି ବିରୁଦ୍ଧରେ ତୀବ୍ର ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ନେତା ବିଭାଂଶୁ ଦାସ, ଦିଲ୍ଲୀପ ପ୍ରଧାନ, ରାଜୀବ ମିଶ୍ର, ଲୋଚନ ମିଶ୍ର, ଜ୍ୟୋତିରଞ୍ଜନ ପରିଡା, ନିରାକାର ସାହୁ, ଅଶୋକ ନାଥ, କାମିନୀ କର, ଆରତୀ ପରିଡା, ସରସ୍ୱତୀ ଦାସ, ରେଣୁବାଳା ପ୍ରଧାନ, ନିର୍ମଳା ସିଂ, କୋରେସା ବିବି ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ଥିଲେ।

## ଲୁଟେରାଙ୍କ ଟେର ପାଉନି ପୁଲିସ

**ଖଣ୍ଡପଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

ଖଣ୍ଡପଡ଼ା ବ୍ଲକର ବନମାଳୀପୁର ପଞ୍ଚାୟତ ଅଧୀନ ବସନ୍ତପୁର ଗ୍ରାମର ୬ଟି ଘରୁ ଲୁଟେରାମାନେ ଗତ ୮ ତାରିଖ ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କାର ସୁନା ଗହଣା ସମେତ ମୂଲ୍ୟବାନ ସାମଗ୍ରୀ ସବୁ କିଛି ଲୁଟି ନେଇଥିଲେ। ଏ ସଂପର୍କରେ ଫତେଗଡ ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଥିଲେ ହେଁ ଅଦ୍ୟାବଧି ଚୋରୀ ଘଟଣାର ପର୍ଦ୍ଦାଫାସ କରିବାରେ ଫତେଗଡ ପୁଲିସ ବିଫଳ ହୋଇଥିବା ଜଣାଯାଇଛି। ଫତେଗଡ ପୁଲିସ ସାଇନଟିଫିକ ଦଳ ଓ ସନ୍ଧାନୀ କୁକୁର ସହାୟତାରେ ବସନ୍ତପୁର ଗ୍ରାମରେ ପହଞ୍ଚି ଚୋରୀ ଘଟଣାର ଖୋଳତାଡ କରିଥିଲେ ହେଁ ଘଟଣାର ୪ ଦିନ ପରେ ବି ଲୁଟେରାମାନଙ୍କ ସଂପର୍କରେ କୌଣସି ଟେର ପାଇ ପାରି ନାହିଁ କି ଚୋରୀ ସାମଗ୍ରୀ ଉଦ୍ଧାର କରି ପାରିନାହିଁ। ଏହି ଚୋରୀ ଘଟଣା ପଛରେ ସ୍ଥାନୀୟ ଅଞ୍ଚଳର କିଛି ଅସାମାଜିକ ଯୁବକଙ୍କ ହାତ ଥିବା ନେଇ ପୁଲିସ ସନ୍ଦେହ ପ୍ରକାଶ କରୁଥିଲେ ହେଁ ପୁଲିସ ଆଉ ତଦନ୍ତରେ ପାଦେ ହେଲେ ଆଗେଇ ନଥିବା ଜଣାପଡିଛି। ନୟାଗଡ ଏସପି ଘଟଣାରେ ହସ୍ତକ୍ଷେପ କରିବାକୁ ବସନ୍ତପୁର ଗ୍ରାମବାସୀ ଦାବି କରିଛନ୍ତି।

## ମଧ୍ୟାହ୍ନ ଭୋଜନ ଅର୍ଥ ଚଳୁ: ଯାହା ମିଳୁଛି ତାକୁ ଖାଅ

**ଓଡ଼ାପଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରଧାନ ଶିକ୍ଷକଙ୍କ ମନମାନି, ସ୍କୁଲରେ ପାଠପଢା ଏବଂ ଶୃଙ୍ଖଳା ଉପରେକୁ ପ୍ରଭାବ ପକାଇଥାଏ। ଯାହାଦ୍ୱାରା ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ବିଭିନ୍ନ ସମୟରେ ପ୍ରଧାନ ଶିକ୍ଷକ ଉପସ୍ଥିତି ନରହିବା, ନିଜକୁ ସର୍ବେସର୍ବା ଭାବି ପାଠ ନପଢ଼ାଇ ଅଫିସରେ ବସିରହିବା, ସରକାରଙ୍କ ନିର୍ଦ୍ଦେଶ ଓ ନିୟମ ନମାନି ମନଇଚ୍ଛା କାର୍ଯ୍ୟ କରିବା, ପାଠପଢାରେ ଅନିୟମିତତା ସହିତ ବିଭିନ୍ନ ସମୟରେ ଛାତ୍ରଛାତ୍ରୀଙ୍କ ନାମ ଲେଖା ଠାରୁ ଆରମ୍ଭ କରି ଟ୍ରାନ୍ସଫର ସାର୍ଟିଫିକେଟ ଦେବା ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟ ପାଇଁ ଅର୍ଥ ଆଦାୟ କରାଯାଉଥିବା ଅଭିଯୋଗ ବିଭିନ୍ନ ସମୟରେ ଗଣମାଧ୍ୟମର ଶିରୋନାମା ପାଲଟିଥିବା ଜଣାପଡିଛି। ଏଭଳି ଏକ ଅନିୟମିତତା ଅଭିଯୋଗ ଆସିଛି ଓଡ଼ାପଡ଼ା ହାଇସ୍କୁଲର ଭାରାପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ନାମରେ। ପ୍ରଧାନଶିକ୍ଷକ କୁଆଡ଼େ ଅନେକ ସମୟରେ ଚଳାଉଛନ୍ତି ନିଜର ମନମାନି। ସ୍କୁଲକୁ ଆସୁଥିବା ସରକାରୀ ଅର୍ଥକୁ ବିଭିନ୍ନ ସମୟରେ ଚଳୁ କରିବା ସହ ଟଙ୍କା ଲୋଭରେ ଏମ୍‌ଡିଏମ୍‌ମିଲ୍‌କୁ କୌଣସି ଏସଏସଜି ଗ୍ରୁପ୍‌କୁ ନଦେଇ ଏସଏମ୍‌ସି ନାଁରେ ନିଜେ ପ୍ରଧାନଶିକ୍ଷକ ଚଳାଉ ଥିବା ଅଭିଯୋଗ ହେଉଛି। ଛାତ୍ରଛାତ୍ରୀଙ୍କ ପାଇଁ ଆସୁଥିବା ମଧ୍ୟାହ୍ନ ଭୋଜନ ଅର୍ଥକୁ ବିଭିନ୍ନ ସମୟରେ ଅଭିନବ ଉପାୟରେ କରୁଛନ୍ତି ହରିଲୁଟ। ଅତି କମ୍ ପରିମାଣର ଓ ନିମ୍ନମାନର ମଧ୍ୟାହ୍ନ ଭୋଜନ ଦେଇ ଶନିବାର ଦିନ ନିରୋଳା ସମୟରେ ଅଟୋ ଓ ବାଇକ ସାହାଯ୍ୟରେ ଚାଉଳ ଚାଲାଣ କରାଯାଉଥିବା କଥା କିଛି ସ୍ଥାନୀୟ ପ୍ରତ୍ୟକ୍ଷଦର୍ଶୀ ନିଜ ନାମକୁ ଗୋପନ ରଖି ପ୍ରକାଶ କରିଛନ୍ତି। ସରକାର ତ କମ ଟଙ୍କା ଦଉଛନ୍ତି ଆମେ କଣ ଦରମାରୁ ଦବୁ, ଯାହା ଦିଆଯାଇଛି ତାହା ଖାଅ ବୋଲି ବାଧ୍ୟ କରୁଛନ୍ତି ପ୍ରଧାନଶିକ୍ଷକ। ମାଣ୍ଡିଆ ଲଡୁ ମଧ୍ୟ ନିର୍ଦ୍ଧାରିତ ଦିନଗୁଡିକରେ ଦିଆଯାଉନଥିବା ଜଣାପଡ଼ିଛି। ଏହାଦ୍ୱାରା ଛାତ୍ରଛାତ୍ରୀ ପୁଷ୍ଟିକର ଖାଦ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି। ତେବେ ମାର୍କ କାଟି ଦେବା ଓ ଫେଲ କରାଇଦେବା ଭୟରେ ମୁହଁ ଖୋଲୁନାହାନ୍ତି ନିରୀହ ଛାତ୍ରଛାତ୍ରୀ। ବର୍ଷସାରା ଦିନେ ହେଲେ ଡକାଯାଉନି ଆଲୁମିନି କମିଟି ବୈଠକ। ଏହି ଓଡ଼ାପଡ଼ା ସ୍କୁଲରେ ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୨୭୦ ଛାତ୍ରଛାତ୍ରୀ ଥିବାବେଳେ ମାତ୍ର ୧୧ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ପାଠ ପଢ଼ାଉଛନ୍ତି। ଆବଶ୍ୟକ ସଂଖ୍ୟକ ଶିକ୍ଷକ ନ ଥିବାରୁ ଶିକ୍ଷାଦାନ ଠିକ୍‌ରେ ହୋଇପାରୁନି। ପ୍ରଧାନଶିକ୍ଷକଙ୍କ ଅନଅଭିଜ୍ଞତା ଏବଂ ପରିଚାଳନା ତୃଟି ଯୋଗୁଁ ଅଧିକାଂଶ ଦିନ ଶେଷ ପିରିୟଡ଼ ପର୍ଯ୍ୟନ୍ତ ଚାଲି ପାରୁନି ପଢ଼ାପଢ଼ା। ପ୍ରାୟ ଦିନ ଖାଇ ଛୁଟି ପରେ ଛାତ୍ରଛାତ୍ରୀ ପାଠ ନପଢ଼ି ଏଣେ ତେଣେ ବୁଲୁ ଥିବାର ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଛି। କିଛି ଛାତ୍ର ଅସୁରକ୍ଷିତ ଭାବେ ବିଦ୍ୟାଳୟ ପଛ ପାଖରେ ଥିବା ପାହାଡ ଜଙ୍ଗଲରେ ବୁଲିବା ସହ ଗଛ ଉପରେ ଚଢୁଥିବା କଥା ଅଭିଯୋଗ କରିଛନ୍ତି ଖୋଦ୍ ଅଭିଭାବକ। ଏସବୁ ଘଟଣାକୁ ଜାଣି ସୁଧା ଦୃଷ୍ଟି ଆକର୍ଷଣ କରୁନାହାନ୍ତି ପ୍ରଧାନ ଶିକ୍ଷକ। ନିକଟସ୍ଥ କମ୍ପାନୀ ଦ୍ୱାରା ୨ ଜଣ ଶିକ୍ଷକ ଅସ୍ଥାୟୀ ଭାବରେ ପାଠ ପଢ଼ାଉଛନ୍ତି। ନା ଅଛନ୍ତି ଖେଳ ଶିକ୍ଷକ ନା ଆନୁଷଙ୍ଗିକ ଭିତ୍ତିଭୂମି। ଆଉ କିଛି ଦିନ ପରେ ଦଶମ ଶ୍ରେଣୀ ପରୀକ୍ଷା। ଏଭଳି ପରିସ୍ଥିତିରେ କେମିତି ଦଶମ ବୋର୍ଡ ପରୀକ୍ଷାର ସାମ୍ନା କରିବେ ଛାତ୍ରଛାତ୍ରୀ ତାହା ଏବେ ଚିନ୍ତାର ବିଷୟ ପାଲଟିଛି। ସରକାର ଉକ୍ତ ଭାରାପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଜଣେ ସ୍ଥାୟୀ ଅଭିଜ୍ଞ ପ୍ରଧାନ ଶିକ୍ଷକଙ୍କୁ ନିଯୁକ୍ତି ଦେବା ପାଇଁ ସ୍ଥାନୀୟ ଜନସାଧାରଣ ଓ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ୮ ଡକାୟତ ଗିରଫ: ଟଙ୍କା, ଗହଣା ଜବତ

**ବୈଶିଙ୍ଗା:ଏକ୍ସପ୍ରେସ୍ ନ୍ୟୁଜ୍**

ବୈଶିଙ୍ଗା ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ଖବରକୁ ସାଧାରଣରେ ବେଶ ଆଲୋଚ୍ୟ ବିଷୟ ପାଲଟି ଥିଲା। ମାତ୍ର ଖୁଣ୍ଟାପୁର ଡକାୟତି ଘଟଣାର ୪୮ ଘଣ୍ଟା ମଧ୍ୟରେ ୮ ଜଣ ଡକାୟତଙ୍କୁ ଗିରଫ କରାଯିବା ସହିତ ସୁନା ଗହଣା, ଟଙ୍କା, ମାରଣାସ୍ତ୍ର ଓ ଡକାୟତିରେ ବ୍ୟବହୃତ ବାଇକ ଜବତ କରାଯାଇଥିବା ଯୋଗୁଁ ଲୋକଙ୍କ ମଧ୍ୟରେ ପୁଲିସ ପ୍ରତି ବିଶ୍ୱାସ ଜନ୍ମି ଥିବାର ଜଣାଯାଇଛି। ଏଥିପାଇଁ ଆଜି ଅପରାହ୍ନରେ ବୈଶିଙ୍ଗା ଥାନା ସମ୍ମିଳନୀ କକ୍ଷରେ ଜିଲ୍ଲାର ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲିଙ୍କ ଅଧ୍ୟକ୍ଷତାରେ ଏକ ପ୍ରେସମିଟ୍ କରାଯାଇଥିଲା। ବିଭିନ୍ନ ସମ୍ବାଦପତ୍ର ଏବଂ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ। ପୁଲିସ ଅଧିକ୍ଷକ ବରୁଣ ଗୁଣ୍ଟୁପାଲି ନିଜ ବକ୍ତବ୍ୟରେ ଖୁଣ୍ଟାପୁର ଡକାୟତି ସହିତ କିଛିଦିନ ପୂର୍ବରୁ ପଣସିଆ, ଦୁର୍ଗାପୁର ଓ ମାଣତ୍ରୀ ଡକାୟତି ଘଟଣାରେ ଏହି ଡକାୟତମାନେ ସଂପୃକ୍ତ ଥିବା ପ୍ରକାଶ କରିଥିଲେ। ଗିରଫ ହୋଇଥିବା ଡକାୟତମାନେ ହେଲେ ବାଲେଶ୍ୱର ସେରଗଡ ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ଦାଶର ପୁଅ ତାପସ କୁମାର ଦାଶ (୨୨), ରୁପସା ଅଞ୍ଚଳର ସୋମନାଥ ସିଂର ପୁଅ ଭଗବାନ ସିଂ / ବଣ୍ଟି (୨୧), କାଳିଚରଣ ସିଂର ପୁଅ ରାଜୁ ସିଂ/ ପଟେଲ (୨୧), ପୁରୁଣିଆ ନୂଆଗାଁ ଅଞ୍ଚଳର ସତ୍ୟବାନ ସିଂର ପୁଅ ସୌମ୍ୟରଞ୍ଜନ ସିଂ/ଶାନ୍ତନୁ (୨୨), ଭାଗିରଥି ମହାନ୍ତର ପୁଅ ରଜନୀକାନ୍ତ / ବାପୁନୁ (୨୫), ମହୁଲପାଟଣା ଗ୍ରାମର ଅମର କୁମାର ଦାସର ପୁଅ ଦେବଦତ୍ତ / ଦେବୁ (୨୨), ଖୁଣ୍ଟାପୁର ଗ୍ରାମର ରବୀନ୍ଦ୍ର ସେଠିର ପୁତ୍ର ଜଗନ୍ନାଥ / ଟିକି ଛୁଆ (୪୧)ଓ ଭାସ୍କର ବେହେରାର ପୁତ୍ର ଲକ୍ଷ୍ମୀଧର ବେହେରା /ପପୁ (୨୮) ବୋଲି ପ୍ରେସ୍ ରିଲିଜ କରାଯାଇଛି। ଏହି ଘଟଣାରେ ବୈଶିଙ୍ଗା ଥାନାରେ ୬୩/ ୨୦୨୬ ମୂଳେ ଭାରତୀୟ ନ୍ୟାୟ ସଂହିତା ଅଧାରରେ ୩୧୦ (୨) ମାମଲା ରୁଜୁ କରାଯାଇଥିବାର ଜଣାଯାଇଛି।

## ପଞ୍ଚାୟତ ସମିତି ବୈଠକକୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ବାରଣ

**ଆଠଗଡ଼:ଏକ୍ସପ୍ରେସ୍ ନ୍ୟୁଜ୍**

ଆଠଗଡ ବ୍ଲକ ସାଜିଛି ଦୁର୍ନୀତିର ଗନ୍ତାଘର। କୋଟିକୋଟି ଟଙ୍କାର ଦୁର୍ନୀତି ଅଭିଯୋଗ ବାରମ୍ବାର ହେବା ସହ ଭିଜିଲାନ୍ସ ତଦନ୍ତ ଦାବି ହୋଇଆସୁଛି। ପୋଲିସ ପ୍ରଶାସନର କଡା ସୁରକ୍ଷା ବଳୟରେ ଆଠଗଡ଼ ବ୍ଲକର ପଞ୍ଚାୟତ ସମିତି ବୈଠକ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଆଠଗଡ଼ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ସୂଚନା ପାଇ ଆଠଗଡ ଗଣମାଧ୍ୟମ ପ୍ରତିନିଧିମାନେ ବ୍ଲକ ସମିତି ସଭାକୁ ଆସିଥିଲେ। ହେଲେ ବ୍ଲକର ସମିତି ସଭାସ୍ଥଳକୁ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନଆସିବା ଲାଗି ବାରଣ କରାଯାଇଥିଲା। ୩୫ବର୍ଷର ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ଅନ୍ତର୍ଗତ ପ୍ରକଳ୍ପଗୁଡ଼ିକୁ ପଞ୍ଚାୟତ ସ୍ତରରେ ସଫଳ ଭାବରେ ସମାପ୍ତ କରିବା ନେଇ ଆଲୋଚନା କରାଯାଇଥିଲା। ଏହାସହ ଅନ୍ତୋଦୟ ଗୃହ ଯୋଜନା ଓ ଆବାସ ଯୋଜନାର ସର୍ଭେ କାର୍ଯ୍ୟ ସମ୍ପର୍କରେ ମଧ୍ୟ ସମୀକ୍ଷା କରାଯାଇଥିଲା। ବିଭିନ୍ନ ଅଙ୍ଗନବାଡି କେନ୍ଦ୍ରର ଭୌତିକ ଭିତିଭୂମି ଓ ସମସ୍ୟାଗୁଡ଼ିକୁ ନେଇ ଆଲୋଚନା ହୋଇଥିଲା। ଏଥି ମଧ୍ୟରେ ନିର୍ମାଣାଧୀନ ଅବସ୍ଥାରେ ଥିବା ଅଙ୍ଗନବାଡି କେନ୍ଦ୍ରଗୁଡ଼ିକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ସରକାର ପରିବର୍ତ୍ତନ ପରେ ବିଜେଡି-ବିଜେପି ନେତାଙ୍କ ପତିଆରା ଲଢେଇ ଲାଗି କର୍ମୀମାନଙ୍କ ଗୋଷ୍ଠି କନ୍ଦଳ ଲାଗି ଉର୍ନ୍ନୟନ କାର୍ଯ୍ୟରେ ବିଳମ୍ବ ପରିଲକ୍ଷିତ ହେଉଛି। ବହୁ କାମ ଅଧାପାନ୍ତରିଆ ଭାବେ ପଡ଼ିରହିଥିବା ଦେଖିବାକୁ ମିଳୁଛି।

ଏପଟେ ଆଠଗଡ଼ ଯୋଗାଣ ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ। ହିତାଧିକାରୀଙ୍କ ଇ-କେୱାଇସି ସମ୍ପନ୍ନ ଏବଂ ନୂଆ ହିତାକାରୀ ରାସନ ପାଇବାରୁ ବାଦ ରହିଆସୁଛନ୍ତି। ଏହା ସହ ପଞ୍ଚାୟତ ସ୍ତରରେ ନୂତନ ପ୍ରକଳ୍ପ, ରାସ୍ତା ନିର୍ମାଣ, ଅଧଖଣ୍ଡିଆ ରଳହି ଥିବା ଉନ୍ନୟନ କାର୍ଯ୍ୟଗୁଡ଼ିକୁ ଶୀଘ୍ର ସମାପ୍ତ କରିବା ଓ ପଞ୍ଚାୟତ ସମସ୍ୟାର ତୁରିତ ସମାଧାନ ଲାଗି ଗୁରୁତ୍ୱାରୋପ କରାଯାଇଥିଲା। ଏହି ବୈଠକରେ ଅଧକ୍ଷା ମିନତା ଆଚାର୍ଯ୍ୟ, ମଣ୍ଡଳ ଉନ୍ନୟନ ଅଧିକାରୀ ଆକାଶ କୁମାର ପଣ୍ଡା, ମଣ୍ଡଳବିତ୍ତ ଅଧିକାରୀ ନବ କୁମାର କଟକିଆ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ କିରଣ କୁମାର ମଲ୍ଲିକ, ସହକାରୀ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର ପାଲୋ, ସମସ୍ତ ଜିଲ୍ଲା ପରିଷଦ ସଦସ୍ୟ/ସଦସ୍ୟା, ପଞ୍ଚାୟତ ସମିତି ସଭ୍ୟ/ ସଭ୍ୟା, ସମସ୍ତ ସରପଞ୍ଚ ଏବଂ ବିଭିନ୍ନ ବିଭାଗୀୟ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ।

## ଆଚାର୍ଯ୍ୟଙ୍କ ଜୟନ୍ତୀରେ ରକ୍ତଦାନ ଶିବିର

**ସାକ୍ଷୀଗୋପାଳ:ଏକ୍ସପ୍ରେସ୍ ନ୍ୟୁଜ୍**

ସତ୍ୟବାଦୀ ପଞ୍ଚସଖା ମଧ୍ୟରେ ଋଷି ପ୍ରତିମ ଜ୍ଞାନୀ ବାଗ୍ମୀ ବ୍ୟକ୍ତି ମଧ୍ୟରେ ଆଚାର୍ଯ୍ୟ ହରିହର ଦାସ ଥିଲେ ଅନ୍ୟତମ। ଆଜି ତାଙ୍କର ଜନ୍ମ ଜୟନ୍ତୀ ଅବସରରେ ତାଙ୍କ ନିଜ ଜନ୍ମମାଟି ଶ୍ରୀରାମଚନ୍ଦ୍ରପୁର ଶାସନ ଗ୍ରାମରେ ଥିବା ଆଚାର୍ଯ୍ୟ ହରିହର ଯୁବ ପରିଷଦ ତରଫରୁ ଆଚାର୍ଯ୍ୟଙ୍କ ସ୍ମୃତିରେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବରେ ସତ୍ୟବାଦୀ ଅତିରିକ୍ତ ତହସିଲଦାର ଓମ୍ ପ୍ରକାଶ ପରିଡା ଓ ଓଡ଼ିଶା ସ୍ୱାଭିମାନ ମଞ୍ଚର ସଭାପତି ରାଧାକାନ୍ତ ଦାସ ଯୋଗଦେଇ ଅଚାର୍ଯ୍ୟା ହରିହରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ସେମାନେ ପରିଷଦର କର୍ମକର୍ତ୍ତା ଦ୍ୱାରା ସମ୍ମାନିତ କରାଯିବା ପରେ ପରେ ପୁରୀ ବ୍ଲଡ଼ ବ୍ୟାଙ୍କ ଡକ୍ଟର ଦୀପକ୍ ସାହୁଙ୍କ ତତ୍ତ୍ୱାବଧାନରେ ଆସିଥିବା ଟିମ୍‌ଙ୍କ ଦ୍ୱାରା ରକ୍ତଦାନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ଆଇନଜୀବୀ ସୁଶାନ୍ତ କୁମାର ରଥ, ଆଚାର୍ଯ୍ୟ ହରିହର ଯୁବ ପରିଷଦର ସଭାପତି ଅଜିତ୍ କୁମାର ନନ୍ଦ, ସମ୍ପାଦକ ସୁବ୍ରତ କୁମାର ନନ୍ଦ, ଉପଦେଷ୍ଟା ପ୍ରଭାକର ତ୍ରିପାଠୀଙ୍କ ସହ ପରିଷଦ ସମସ୍ତ ସଦ୍ୟମାନଙ୍କୁ ନେଇ ଆଜିର ରକ୍ତଦାନ କାର୍ଯ୍ୟକ୍ରମ ଆଗେଇ ନେଇଥିଲେ। ଏଥିରେ ମୋଟ ୨୬ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଆଜିର ରକ୍ତଦାତାମାନେ ହେଲେ ବିଶ୍ୱଜିତ୍ ମିଶ୍ର, ବଳରାମ ମିଶ୍ର, ମାନସ ପ୍ରାସାଦ ତ୍ରିପାଠୀ, ରୋଜିନା ଦାଶ, ଦିବ୍ୟସିଂହ ପ୍ରଧାନ, ଶ୍ରୀନାୟକ ଶତପଥି, ଆଶୁତୋଷ ତ୍ରିପାଠୀ, ଲକ୍ଷ୍ମୀପ୍ରିୟା ମିଶ୍ର, ପ୍ରମୋଦ କୁମାର ଜେନା, ସୁଭାସିସ ପରିଡ଼ା, ଲକ୍ଷ୍ମୀ ରଞ୍ଜନ ଦାଶ, ଭବାନୀ ପ୍ରସାଦ ଦାଶ, ମଳୟ ମହାପାତ୍ର, ତ୍ରିଲୋଚନ ସାହୁ, ବିନାୟକ ଶତପଥୀ, ଶ୍ରୀରାମ ନନ୍ଦ, ରାକେଶ ପ୍ରଧାନ, ଚୌଧୁରୀ ଦିବ୍ୟଜ୍ୟୋତି ଦାଶ, ବନ୍ଦିତା ମହାପାତ୍ର, ଅମିତ କୁମାର ମିଶ୍ର, ସୁବ୍ରତ କୁମାର ନନ୍ଦ, ତ୍ରିନାଥ ବାରିକ, ସୁବ୍ରତ କୁମାର ନନ୍ଦ, ତ୍ରିନାଥ ବାରିକ, ସସ୍ମିତା ମିଶ୍ର, ଦେବ ବେହେରା ଓ ସୌରଭ କୁମାର ନନ୍ଦ। ଶେଷରେ ସମସ୍ତ ରକ୍ତଦାତାମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।


### AFFIDAVIT

By Virtue of an affidavit No-238 sworn before the Court of the Executive Magistrate, Aul, Dtd.12/02/26. I Ranjan Kumar Patra aged about 42 years, S/o Nirakar Patra of Village- Sananko, P. O- Mahu, PS-Aul, Dist-Kendrapara declare that, my daughter's name is wrongly recorded as Sraddha Patra & DOB is 31/08/2015 instead of Soyam Siddhi Pragyan Patra & DOB is 31/08/2013 in my daughter Aadhaar Card bearing No 2626 6695 9931. I require this affidavit to produce before the Authority Concerned to use as a document for all purpose & for correction of my daughter's name as Soyam Siddhi Pragyan Patra & DOB is 31/08/2013 in my daughter's Aadhaar Card bearing No 2626 6695 9931.

S/d- Ranjan Kumar Patra

### AFFIDAVIT

By virtue of an affidavit sworn before Executive Magistrate, Rajnagar,vide affidavit No.9757,date 11-02-2026,I Maheswati Sahoo,W/O-Ranjan Kumar Sahoo,Village- Hatina,P.O.-Kurunti,P.S.- Rajnagar, Dist.- Kendrapara. State-Odissa, PIN-754225 declare that, I have changed my name from Maheswar Sahoo to Maheswati Sahoo. Henceforth, I shall known as Maheswati Sahoo for all purposes.

S/d-Maheswati Sahoo.

### AFFIDAVIT

By Virtue of an affidavit sworn before Executive Magistrate, Khordha, **Affidavit no.289, dtd.09.02.2026.**I, **PITABASA SAHOO**, aged about 42 years, S/o-Nanda Sahoo of Vill/Po-Kendupalli, PS-Baideswar, Dist-Cuttack, Odisha, At/Present At-Gurujanga, Dwarika Nagar, PO-Gurujanga, PS-Khordha, Dist-Khordha, Aadhaar No- 6980 7547 9446 declare that I am the owner of a vehicle Glamour Cast DRS Motor cycle bearing Regd. No. OD-02-M-7769, Eng. No-JA06EJE9L02053, Chassis No-NHLA06AME9L02015 of Model 11/2024, in which my name is recorded as Pitambar Sahoo amd my father's name is recorded as Nanda Kishor Sahoo. I have been issued a Driving Licence from Khorda RTO vide D.L. No. OD02K20310000333, dtd.11.01.2021 in which my name is recorded as Pitambar Sahoo, S/o- Nanda Kishore Sahoo. I do hereby declare that Pitabasa Sahoo, S/o- Nanda Sahoo and Pitambar Sahoo, S/o- Nanda Kishore Sahoo both the names are same and one person i.e. myself. Correct My Name, My Father's name and change my address from "Pitambar Sahoo, S/o- Nanda Kishor Sahoo, At/Po- Kenduapalli, PS- Baideswar, Dist-Cuttack, Odisha" to "**Pitabasa Sahoo, S/o-Nanda Sahoo of Gurujanga, Dwarikanagar, PO- Gurujanga, PS/Dist- Khordha, Odisha**".

Pitabasa Sahoo


## ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଉଅଛୁ କି, ଜିଲ୍ଲା-ଖୋର୍ଦ୍ଧା, ତହସିଲ ଭୁବନେଶ୍ୱର, ମୌଜା-ସୁବୁଧିପୁର, ଥାନା- ଭୁବନେଶ୍ୱରର ଖାତା ନଂ ୩୦/୩୪୭ସର, ପ୍ଲଟ୍ ନଂ୬୧/୧୪୦୧ସର ଏରିଆ ଏ୦.୦୯୨୦ଡ଼ିସିମିଲ ଘରବାଡ଼ି ଜମିର ମୂଳ ପଞ୍ଜିକୃତ ବିକ୍ରୟ କବଲା ନଂ୧୧୦୮୧୯୦୧୩୦୭ସର ଯେଉଁଥିରେ ଶ୍ରୀ ସତ୍ୟବ୍ରତ ମିଶ୍ର କ୍ରେତା ଭାବେ କ୍ରୟ କରିଥିଲେ। ଉକ୍ତ ବିକ୍ରୟ କବଲା ଏବଂ ପଟ୍ଟାକୁ ବନ୍ଧକ ଦେଇ ସେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଯାଜପୁର ଟାଉନ୍ ଶାଖାରୁ ଗୃହ ଋଣ ନେଇଥିଲେ। ଉକ୍ତ ମୂଳ ଦସ୍ତାବିଜ୍ ବ୍ୟାଙ୍କରେ ବନ୍ଧକ ଥିବା ସମୟରେ କୌଣସି କାରଣ ବଶତଃ କେଉଁଠାରେ ରହିଯାଇଛି ଏବଂ ଅଦ୍ୟାବଧି ବହୁତ ଖୋଜାଖୋଜି ସତ୍ତ୍ୱେ ମିଳୁନାହିଁ।

ଏହି ସୂଚନା ସର୍ବସାଧାରଣ ଜନତାଙ୍କ ଅବଗତି ନିମନ୍ତେ ପ୍ରକାଶିତ ହୋଇଛି।

ମୁଖ୍ୟ ପ୍ରବନ୍ଧକ

ଷ୍ଟେଟ୍‌ବ୍ୟାଙ୍କ ଅଫ୍ ଇଣ୍ଡିଆ, ଯାଜପୁର ଟାଉନ




## ୨୫୦କେଜି ଗଂଜେଇ ଜବତ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ଗଂଜେଇ ଚାଲାଣ ଓ ବେପାର କରିବା ଅଭିଯୋଗରେ ଗୁରୁବାର ଟାଙ୍ଗୀ ଥାନା ଅନ୍ତର୍ଗତ ଭଟିମୁଣ୍ଡା (ସରଗାଁ) ଗ୍ରାମରେ କଟକ ଅବକାରୀ ଗୁଇନ୍ଦା ବିଭାଗ ଦ୍ୱାରା ଚଢ଼ାଉ କରାଯାଇ ଜଣକୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ସରସ୍ୱତୀ ପରିଡ଼ା (୩୩)। ଗିରଫ ଅଭିଯୁକ୍ତଙ୍କ ନିକଟରୁ ଅବକାରୀ ବିଭାଗ ୨୫୦କିଲୋ ଗଂଜେଇ ଜବତ କରିଛି। ଜବତ ଗଂଜେଇର ଆନୁମାନିକ ମୂଲ୍ୟ ୨୫ଲକ୍ଷ ଟଙ୍କା ହେବ। ଅବକାରୀ ଉପଅଧିକ୍ଷକ ବିକାଶ ନାୟକ ଓ ଇନ୍‌ସପେକ୍ଟର ଅବନୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହି ଚଢ଼ାଉ କରାଯାଇଥିଲା। ଏହି ଟିମରେ ଏଏସଆଇ କିଶୋର ଚନ୍ଦ୍ର ରାଉତ, କନେଷ୍ଟବଳ ଲକ୍ଷ୍ମୀଧର ଖୁଣ୍ଟିଆ, ସତ୍ୟବ୍ରତ ସାହୁ, ଦୀପକ ସାହୁ, ରଜନୀ ପଂଚଭାୟା ପ୍ରମୁଖ ସାମିଲ ଥିଲେ।

## ସଙ୍କୁଚିତ ହେଉଛି ରାସ୍ତା: ବଢୁଛି ଟ୍ରାଫିକ ସମସ୍ୟା

**ରାଜନଗର:ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକରେ ଗାଡି ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ରାସ୍ତାରେ ଟିକେ ଖାମ ଖିଆଲୀ ହେଲେ ଦୁର୍ଘଟଣା ଘଟୁଛି। ଏପରିକି ରାସ୍ତାରେ ଯାନବାହାନ ଚଳାଚଳରେ ଅସୁବିଧା ସୃଷ୍ଟି ହେବା ସହ ରାସ୍ତା ଦୀର୍ଘ ସମୟ ଧରି ଜାମ ହୋଇଯାଉଛି। ଯାହାଫଳରେ ଆମ୍ବୁଲାନ୍ସ ସେବା ପ୍ରଭାବିତ ହେଉଛି। ସବୁଠାରୁ ବଡକଥା ହେଉଛି, ନୂଆବର୍ଷ ପାଇଁ ବିଭିନ୍ନ ସ୍ଥାନରେ ଗେଟ ଓ ହୋଡିଂ ଲଗାଯାଇଥିଲେ ମଧ୍ୟ ତାହା ମାସାଧିକ କାଳ ରହିଥିବାରୁ ବାଉଁଶଗୁଡିକ ଗାଡି ଧକ୍କା ଓ ଛାଏଁ ଛାଏଁ ଭାଙ୍ଗି ଯାଉଥିବା ଦେଖିବାକୁ ମିଳିଛି। ଗେଟଗୁଡିକ ଭାଙ୍ଗି ପଡିବାରୁ ଚାରିଚକିଆ ଯାନ ସହିତ ବାଇକ ଆରୋହୀ ବିଶେଷ ଭାବେ ପ୍ରଭାବିତ ହେଉଛନ୍ତି। ଏହା ମଧ୍ୟରେ ଗେଟଗୁଡିକ ଦେଢମାସରୁ ଉର୍ଦ୍ଧ୍ୱ ହେବ ରାସ୍ତା କ୍ରସ କରି ତିଆରି ହୋଇଥିବାରୁ ଦିନକୁ ଦିନ ଦୁର୍ବଳ ହେବା ସହ ଲୋକମାନଙ୍କ ପାଇଁ ବିପଦ ସୃଷ୍ଟି କରିଛି। ରାଜନଗରରୁ ତାଳଚୁଆ ମୁଖ୍ୟ ରାସ୍ତା,

### ପ୍ରଶାସନ ଚୁପ୍

ରାଜନଗରରୁ ଗୁପ୍ତି ମୁଖ୍ୟ ରାସ୍ତା ଓ ରାଜନଗରରୁ ମଦନପୁର କଲେଜ ଛକ ପର୍ଯ୍ୟନ୍ତ ମାଳମାଳ ଗେଟ ତିଆରି ହୋଇ ରହିଛି। ବିଶେଷକରି ରାଜନଗର ଷ୍ଟେଟବ୍ୟାଙ୍କ ଛକ ନିକଟରୁ ହଂସୁଆ ସେତୁ ଦେଇ ମଦନପୁର କଲେଜ ଛକ ପର୍ଯ୍ୟନ୍ତ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାରେ ଗହଳି ଲାଗି ରହୁଛି। ଏପରି ସ୍ଥିତିରେ ଗେଟଗୁଡିକ ରାସ୍ତାକୁ ସଙ୍କୁଚିତ କରିବାରେ ପ୍ରମୁଖ ଭୂମିକା ନେଉଛି। ଭିତରକନିକା ଜାତୀୟ ଉଦ୍ୟାନ ଓ ଭିତରକନିକା ଇକୋଟ୍ରିପ୍ଟିକୁ ଆସୁଥିବା ପର୍ଯ୍ୟଟକମାନେ ରାସ୍ତା ଜାମ ଫଳରେ ଅନେକ ସମୟରେ ଫସି ରହୁଥିବା ଦେଖିବାକୁ ମିଳିଛି। ବିଭିନ୍ନ ବିଭାଗର ମନ୍ତ୍ରୀ, ବିଚାରପତି ଓ ପ୍ରଶାସନିକ ଉଚ୍ଚ ପଦାଧିକାରୀମାନେ ଯିବା ଆସିବା କରୁଥିଲେ ମଧ୍ୟ ଏହି ଘଟଣାକୁ କେହି ଧ୍ୟାନ ଦେଉନଥିବା ଅଭିଯୋଗ ହେଉଛି। ସ୍ଥାନୀୟ ପ୍ରଶାସନ ସବୁ ଦେଖି ଚୁପ ରହୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ସାଧାରଣ ଲୋକେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ନୀରବ ରହୁଛନ୍ତି। ଏସଂପର୍କରେ ସହକାରୀ ନିର୍ବାହୀ ଯନ୍ତ୍ରୀ କୃପାସିନ୍ଧୁ ଧଳଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇନଥିଲେ।

